ଧରିତ୍ରୀ
DHARITRI
February 12-18, 2023 ₹2/-

ପ୍ରଚ୍ଛଦ ପ୍ରସଙ୍ଗ

୩

# ଚର୍ଚ୍ଚିତ ପ୍ରେମ କାହାଣୀ

ପ୍ରେମ ଶାଶ୍ୱତ ଓ ସୁନ୍ଦର। ଏହା କେବେ, କେତେବେଳେ, କାହା ସହିତ ବି ହୋଇପାରେ। ଆଉ ଥରେ ମନରେ ମନ ମିଶିଗଲେ ନା ସମାଜ, ନା ପରିବାର କେହି କରିପାରନ୍ତିନି ଅଲଗା। ଏମିତିକି ଭଗବାନଙ୍କ ସହ ବି ଲଢ଼ି ହେଇଯାଏ ପ୍ରେମରେ। ଏଠାରେ ଏମିତି କିଛି ଚର୍ଚ୍ଚିତ ପ୍ରେମ କାହାଣୀ ରହିଛି ଯେଉଁଥିରେ ପ୍ରେମୀ ଯୁଗଳ ନିଜ ପ୍ରେମକୁ ପାଇବା ପାଇଁ ସବୁ ଅସମ୍ଭବକୁ ବି କରି ଦେଇଛନ୍ତି ସମ୍ଭବ...

## ହସଖୁସିର ପରିବାର ପାଇଁ ..

ହସଖୁସିର ପରିବାର ଜୀବନରେ ଶାନ୍ତି ଭରିଥାଏ। କାରଣ ପରିବାରରୁ ଆମକୁ ସବୁ ବିପଦକୁ ସାହସର ସହ ସାମ୍ନା କରିବାକୁ ଶକ୍ତି ମିଳିଥାଏ। ତେଣୁ ପରିବାର ସଦସ୍ୟଙ୍କ ଭିତରେ ସମ୍ପର୍କ କେମିତି ମଜଭୁତ ରହିବ ସେ ନେଇ ଜାଣନ୍ତୁ

କେତୋଟି ବାସ୍ତୁ ଟିପ୍ସ-

* ଲିଭିଂ ରୁମ୍‌ର ଦକ୍ଷିଣ-ପଶ୍ଚିମ ଦିଗରେ କ୍ରିଷ୍ଟାଲ୍‌ର ଏକ ବଡ଼ ସାଇଜ୍‌ର ବଲ୍ ରଖିଲେ ପରିବାରରେ ସ୍ନେହ, ପ୍ରେମ ବଢ଼ିଥାଏ ବୋଲି ବିଶ୍ୱାସ କରାଯାଏ। ଧ୍ୟାନଦେବେ ଲିଭିଂ ରୁମ୍‌ରେ ମାତ୍ର ଗୋଟିଏ ହିଁ କ୍ରିଷ୍ଟାଲ୍ ବଲ୍ ରଖିବେ ନଚେତ୍ ଟଙ୍ଗାଇଦେବେ, ଏକାଧିକ ଆଦୌ ରଖିବେ ନାହିଁ।
* ପରିବାରରେ ହସଖୁସିର ମାହୋଲକୁ ବଢ଼ାଇବା ପାଇଁ ପ୍ରତି



ରୁମ୍‌ର ଦକ୍ଷିଣ-ପଶ୍ଚିମ ଦିଗରେ କ୍ରିମ୍ କଲର୍‌ର ଫୁଲଦାନୀରେ ହଳଦିଆ ରଙ୍ଗର ଫ୍ରେସ୍ ଫୁଲକୁ ରଖିପାରିବେ। ଫୁଲ ମଉଳିବାକୁ ଆରମ୍ଭ କଲେ ତୁରନ୍ତ ତାହାକୁ ବଦଳାଇଦେବେ। ଯେତେ ସମ୍ଭବ ଆର୍ଟିଫିସିଆଲ୍ ଫୁଲର କମ୍ ବ୍ୟବହାର କରିବେ।
* ପରିବାରରେ ଏକତାଭାବ ବୃଦ୍ଧି କରିବାକୁ ହେଲେ, ଲିଭିଂ ରୁମ୍‌ର ଦକ୍ଷିଣ-ପଶ୍ଚିମ କାନ୍ଥରେ ଫ୍ୟାମିଲି ଫଟୋ ଲଗାଇ ପାରିବେ। ଧ୍ୟାନଦେବେ ଫ୍ୟାମିଲି ଫଟୋରେ ଯେମିତି ସବୁ ସଦସ୍ୟଙ୍କ ମୁହଁରେ ହସ ରହିଥିବ। ତା'ଛଡ଼ା ଭିନ୍ନ ଭିନ୍ନ ଫଟୋ ନ ଲଗାଇ ଗୋଟିଏ ଫଟୋ ଏମିତି ଲଗାଇବେ ଯେଉଁଥିରେ ସବୁ ସଦସ୍ୟ ଏକାଠି ମିଶିକି ରହିଥିବେ।
* ବାସ୍ତୁଶାସ୍ତ୍ର ଅନୁଯାୟୀ, ପରିବାର ସଦସ୍ୟ ଏକାଠି ବସି ଭୋଜନ କଲେ ଘରେ ଖୁସିର ମାହୋଲ ବଢ଼ିବା ସହ ସମ୍ପର୍କ ମଜଭୁତ ହୋଇଥାଏ। ସବୁବେଳେ ସମ୍ଭବ ନହେଲେ ପ୍ରତିଦିନ ଗୋଟିଏ ଥର ହେଉନା କାହିଁକି ଏପରି କରିବାକୁ ଚେଷ୍ଟା କରିବା ଦରକାର।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୧୨-୧୮

**ମେଷ**
କର୍ମଜଞ୍ଜାଳ ବୃଦ୍ଧି, ସହକର୍ମୀଙ୍କ ସହଯୋଗ, ସାମାଜିକ ପ୍ରତିଷ୍ଠା, ସଭାସମିତିକୁ ନିମନ୍ତ୍ରଣ, ସନ୍ତାନଙ୍କ ସମସ୍ୟା, ପଡୋଶୀଙ୍କ ସହ ଝଗଡା, ଦୂରଯାତ୍ରାର ପ୍ରସ୍ତୁତି, ଲେଖାପଢାରେ ବ୍ୟସ୍ତତା, କର୍ମକ୍ଷେତ୍ରରେ ସମ୍ମାନ ॥

**ବୃଷ**
ବନ୍ଧୁ ବତ୍ସଳତା, ସାଂସ୍କୃତିକ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ପ୍ରେରଣାପ୍ରାପ୍ତି, ପଦାଧିକାରୀଙ୍କ ସଦିଚ୍ଛା, ସନ୍ତାନଙ୍କ କୃତିତ୍ୱ, ରଚନାତ୍ମକ କାର୍ଯ୍ୟ, ନୂତନସମ୍ପର୍କ ସ୍ଥାପନ, ବହୁମୁଖୀ ବ୍ୟବସାୟ, ପାରିବାରିକ ଅଶାନ୍ତି, ରାଜନୀତିରେ ବିବାଦ, ମାନସିକ ଦ୍ୱନ୍ଦ୍ୱ ॥

**ମିଥୁନ**
ଅର୍ଥରୁ ଅନର୍ଥ, ଦୈହିକ ଅସୁସ୍ଥତା, ସହକର୍ମୀଙ୍କ ସାହାଯ୍ୟ, ଆନୁସଙ୍ଗିକ ସହଯୋଗ, ଅବସର ମିଳିବନି, ସନ୍ଦେହ ଭିତରେ ରହିବେ, ଭୂଲ୍‌ନିଷ୍ପତ୍ତି ନେଇପାରନ୍ତି, ସାମୟିକ ସମସ୍ୟା, ପ୍ରତିଯୋଗୀତାରେ ସଫଳତା ॥

**କର୍କଟ**
ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ଋଣଗ୍ରସ୍ତ ହେବେ, ଦୂରଭ୍ରମଣ କରିବେ, ବନ୍ଧୁମିଳନ, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି, ଯାନ୍ତ୍ରିକ ଜିନିଷକ୍ରୟ, ସମସ୍ୟାବହୁଳ କର୍ମକ୍ଷେତ୍ର, ସନ୍ତାନଙ୍କ ଦାବୀ, ଖଳଲୋକଙ୍କ ଶତ୍ରୁତା, ସ୍ତ୍ରୀଙ୍କ ସୁପରାମର୍ଶ ॥

**ସିଂହ**
ସାମାଜିକ ସମ୍ମାନ, ପାରିବାରିକ ଶାନ୍ତି, କର୍ମକ୍ଷେତ୍ରରେ ବିବାଦ, ସମସ୍ୟା ପ୍ରତିହତ ହେବ, ପ୍ରତିଯୋଗୀତାରେ ସଫଳତା, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ନୂତନ କର୍ମସଂସ୍ଥାନ, ବିଦେଶଯାତ୍ରାର ସୁଯୋଗ, ଅନୁକୂଳ ପରିବେଶ, ନୂତନ ପ୍ରକଳ୍ପାରମ୍ଭ ॥

**କନ୍ୟା**
ଅନ୍ୟମନସ୍କତାରୁ ସମସ୍ୟା, ଯାନ୍ତ୍ରିକ ତ୍ରୁଟି, ଶତ୍ରୁର ସାମନା, ଲକ୍ଷ୍ୟସ୍ଥଳକୁ ଯାଇପାରିବେ, ଖର୍ଚ୍ଚ ପରିମାଣ ବୃଦ୍ଧି, କଳାସାହିତ୍ୟରେ ଉନ୍ନତି, ନୂତନସମ୍ପର୍କ ଯୋଡିବେ, ବିଶିଷ୍ଟବ୍ୟକ୍ତିଙ୍କ ପରାମର୍ଶ ॥

**ତୁଳା**
ସ୍ୱାଭିମାନ ବଜାୟ ରଖିବେ, ଅନ୍ୟଦ୍ୱାରା ପ୍ରଭାବିତ, ଲକ୍ଷ୍ୟପୂରଣରୁ ଖୁସୀ, ପ୍ରତୀକ୍ଷାଜନିତ କଷ୍ଟ, ସନ୍ତୁଳନ ରକ୍ଷାରେ ଅସମର୍ଥ, ଅର୍ଥ ସମ୍ପର୍କରେ ତର୍କ, ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ, ପାରିବାରିକ ସହଯୋଗ, ଜନସମ୍ପର୍କ ସୃଷ୍ଟି ॥

**ବିଛା**
ସମ୍ପର୍କହ୍ରାସ ପାଇବ, ଗୋଳମାଳିଆ ପରିସ୍ଥିତି,ଅଧସ୍ତନଙ୍କ ବେଖାତିର, ପଡୋଶୀଙ୍କ ଶ୍ରଦ୍ଧା ଭାଜନ, ଅନ୍ୟମନସ୍କତାରୁ ଧନହାନୀ, ବିବାଦର ସମାଧାନ, ଘରଭଡାକୁ ନେଇ ବିତର୍କ, ପ୍ରଶାସନିକ ସଫଳତା, ସାମ୍ବାଦିକତାରୁ ସମ୍ମାନ ॥

**ଧନୁ**
ବିଭିନ୍ନସମସ୍ୟା, ନିରଳସ କର୍ମନୈପୁଣ୍ୟ, ବନ୍ଧୁଙ୍କୁ ଆପଣେଇ ନେବେ, ଅପ୍ରିୟସତ୍ୟରୁ ଅନର୍ଥ, ନୂତନକାମର ପରିକଳ୍ପନା, ଖର୍ଚ୍ଚଭାର ବୃଦ୍ଧି, ପୁରାତନ ରୋଗର ପୀଡା, ପୂର୍ବ ଶତ୍ରୁତାରୁ କଳହ ॥


**ମକର**
କର୍ମପ୍ରବାହରେ ରୋକ୍, ରାଜନୈତିକ ପୃଷ୍ଠପୋଷକତା, ସରକାରୀ ସାହାଯ୍ୟ, ଯାତ୍ରା ସ୍ଥଗିତ, ପ୍ରତିବନ୍ଧକ ଦୂରେଇବ, ସାମାଜିକ ଝଟକା, ସ୍ୱର୍ଣ୍ଣାଳଙ୍କାର କ୍ରୟ, ନିର୍ମାଣର ପୂର୍ଣ୍ଣାଙ୍ଗତା, ଶିକ୍ଷାରେ ପ୍ରଗତି, ତୀର୍ଥ ଯାତ୍ରାର ସୁଯୋଗ ॥

**କୁମ୍ଭ**
କର୍ମକ୍ଷେତ୍ରରେ ପ୍ରତିଷ୍ଠା, କଚେରୀ ମାମଲାରେ ବାଇଦା, ଭ୍ରାତୃ ସମ୍ପର୍କରେ ନ୍ୟୁନତା, ଯୋଗ ସାଧନାରେ ରୁଚି, ପ୍ରାପ୍ୟଧନରେ ବାଧା, ଭୁଲ୍ ବୁଝାମଣାରୁ କଳହ, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ସୁସ୍ଥତା ବ୍ୟାହତ ହେବ, ଜମିଜମା ସମସ୍ୟା ॥

**ମୀନ**
ସ୍ୱାସ୍ଥ୍ୟ ସମସ୍ୟା, ଆର୍ଥିକ ଦୂରବସ୍ଥା, ଉପରିସ୍ଥଙ୍କ ଚାପ, ସ୍ଥାନାନ୍ତରର ପୂର୍ବାଭାଷ, ସମ୍ପର୍କ କଟିଯିବ, ଋଣ ପରିଶୋଧର ଚିନ୍ତା, ମିଥ୍ୟାଭିଯୋଗ, ବୈବାହିକ ସମସ୍ୟା, ବିଜାତୀୟଙ୍କ ସାହାଯ୍ୟ, ପ୍ରେସ୍ ପବ୍ଲିକେଶନରେ ବିବାଦ ॥

# ବଢାନ୍ତୁ ଆତ୍ମବିଶ୍ୱାସ

ଆତ୍ମବିଶ୍ୱାସ ମଣିଷକୁ ଭିତରୁ ଦୃଢ଼ କରିଥାଏ। ଯେକୌଣସି ସମସ୍ୟା ଆସୁନା କାହିଁକି, ତାହାକୁ ସାହସର ସହ ସାମ୍ନା କରିବାକୁ ଏହା ଆମକୁ ପ୍ରେରଣା ଦେଇଥାଏ। ସେଥିପାଇଁ କୁହାଯାଏ, ଯାହାର ଆତ୍ମବିଶ୍ୱାସ ଯେତେ ଦୃଢ଼ ହୋଇଥାଏ ତାଙ୍କୁ ସଫଳତା ସେତେ ଶୀଘ୍ର ମିଳିଥାଏ। ଏହାକୁ ବଢ଼ାଇବା କ୍ଷେତ୍ରରେ ବାସ୍ତୁଶାସ୍ତ୍ରର ମଧ୍ୟ ଅନେକ ଭୂମିକା ରହିଛି। ଯେମିତିକି: ସୂର୍ଯ୍ୟୋଦୟ ସମୟରେ ପୂର୍ବ ଦିଗକୁ ମୁହଁ କରି ଧଳା ହେଉ ଅବା ନାଲି ରଙ୍ଗର ଆସନରେ ବସି ପ୍ରାଣାୟାମ କଲେ ବ୍ୟକ୍ତିଙ୍କର ଆତ୍ମବିଶ୍ୱାସ କୁଆଡ଼େ ଅଧିକ ତୀବ୍ରତର ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି କୁହାଯାଏ, କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ଘରୁ ବାହାରିବା ସମୟରେ ଘରର କୌଣସି ବିବାହିତା ସଧବା ସ୍ତ୍ରୀ ହୁଅନ୍ତୁ କିମ୍ବା କୁମାରୀ କନ୍ୟାଙ୍କର ସୁନ୍ଦର ହସ ହସ ମୁହଁକୁ ଦେଖିଯିବା ବି ଅନେକାଂଶରେ ସଫଳତା ଦେଇଥାଏ। କାରଣ ସେମାନଙ୍କର ହସ ହସ ମୁହଁ ମନକୁ ପ୍ରଫୁଲ୍ଲିତ ରଖିବା ସହ କାମ କରିବାକୁ ଆଗ୍ରହ ପ୍ରଦାନ କରିଥାଏ।



ଅନ୍ୟପକ୍ଷେ ହନୁମାନ ଚାଳିଶା ହେଉ ଅବା ଦୁର୍ଗା ସପ୍ତଶତୀ ମନ୍ତ୍ର କିମ୍ବା ମହାମୃତ୍ୟୁଞ୍ଜୟ ମନ୍ତ୍ର ପ୍ରତିଦିନ ଜପକଲେ ମନକୁ ଶାନ୍ତି ମିଳିବା ସହ ଆତ୍ମବିଶ୍ୱାସ ଦୃଢ଼ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

## ପାଠକୀୟ

➤କଣ୍ଟା କେବେ କ୍ଷତ ଦିଏ ତ କେବେ ମନ ମୋହିନିଏ...ଏଇ ଯେମିତି କାକଟସ୍। ଦେହ ସାରା କଣ୍ଟା ଭର୍ତ୍ତି, ହେଲେ ତା'ସୌନ୍ଦର୍ଯ୍ୟ କାହାକୁ ବି ମନ୍ତ୍ରମୁଗ୍ଧ କରିଦିଏ। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନ କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'କଣ୍ଟାରେ ସୁଷମା' ଏକ ନିଆରା ଆଲେଖ୍ୟ ଥିଲା। 'ଅଜବ ଏହି ଗ୍ଲୋବ୍' ପାଠଟିରୁ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

**-ରାକେଶ ପ୍ରଧାନ, ନାଲ୍‌କୋନଗର, ଅନୁଗୋଳ**

➤ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗରେ ଉପସ୍ଥାପନ କରାଯାଇଥିବା 'କଣ୍ଟାରେ ସୁଷମା' ଆଲେଖ୍ୟଟି ଏକ ଭିନ୍ନ ସ୍ୱାଦର ଲେଖା ଥିଲା। କାକଟସ୍ ସମ୍ପର୍କରେ ବହୁ ଅଜଣା ତଥ୍ୟ ଏଥିରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଭେଲ୍‌ଭେଟ୍ ଫୁଟ୍‌ୱେର୍' ସମ୍ପର୍କରେ ଅନେକ କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିକ୍ଷାବିତ୍ ତଥା ସାହିତ୍ୟିକ କୃପାସିନ୍ଧୁ ବିଶ୍ୱାଳଙ୍କ ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିଲା।

**-ହରପ୍ରିୟା ବାରିକ, ଚନ୍ଦନପୁର, ପୁରୀ**

➤ସୃଜନ ପୃଷ୍ଠାରେ ସ୍ଥାନିତ 'ଦେବୀ କୃପା' ଶୀର୍ଷକ ଗପଟି ଯେତିକି ମନଛୁଆଁ ହୋଇଥିଲା 'ଗୋଲିପାଣି', 'ଗୋଟାପଣେ' ଶୀର୍ଷକ କବିତା ଦୁଇଟି ବି ସେତିକି ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ 'ଡିଜିଟାଲ ଦୁନିଆରେ ଆଦିତ୍ୟ', 'ଆଲିୟା ବନାମ ରଣବୀର', 'ଚନ୍ଦ୍ରମା', 'ଜେଲର' ଶୀର୍ଷକ ଲେଖାଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମର୍ମସ୍ପର୍ଶୀ ହୋଇଥିଲା।

**-ସୁକାନ୍ତ ଦାଶ, ଖଣ୍ଡଗିରି, ଭୁବନେଶ୍ୱର**

➤ମନସ୍ତତ୍ତ୍ୱବିତ୍ ବିଜୟଲକ୍ଷ୍ମୀ ଦାଶଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଯେତିକି ହୃଦୟସ୍ପର୍ଶୀ ଥିଲା ସେତିକି ପ୍ରେରଣାଦାୟୀ ବି ହୋଇଥିଲା। ସାଥୀର ଉତ୍ତରଗୁଡ଼ିକ ମଧ୍ୟ ରୋମାଣ୍ଟିକ୍‌ଭରା ଲାଗୁଥିଲା। ଫ୍ୟାଶନ ଡିଜାଇନର ତରୀନାଙ୍କ ଫ୍ୟାଶନ ଦୁନିଆ ସମ୍ପର୍କରେ ଜାଣି ଖୁସି ଲାଗିଲା। 'ଗଞ୍ଜାମର ଐତିହାସିକ ପାରାଭାଡ଼ି' ବିଷୟଟି ସତରେ ଏକ ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା।

**-ସୋନି, ରୋନି, ମୁନି, ଲିଙ୍କ୍ ରୋଡ୍, କଟକ**

➤ମଡେଲ୍ ମିରର୍‌ରେ ଶର୍ମିଷ୍ଠା ବେଶ୍ ସୁନ୍ଦରୀ ଲାଗୁଥିଲେ। ଚିତ୍ରାଗୁଡ଼ି ପକ୍ଷୀ ଅଭୟାରଣ୍ୟ ସମ୍ପର୍କରେ ସହର ପୃଷ୍ଠାରୁ ପଢ଼ି ଖୁସି ଲାଗିଲା। ବିବିଧା ପୃଷ୍ଠାରୁ ସିଟ୍ ବେଲ୍ଟ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ଚିନ୍ମୟ ଚିନ୍ତନ 'ମୋର ଆଠ ଲାଭ, ତୁମର ଦୁଇ କ୍ଷତି!' ଶୀର୍ଷକ ଆଲେଖ୍ୟଟି ଏକ ତଥ୍ୟପୂର୍ଣ୍ଣ ବିଷୟବସ୍ତୁ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାଟି ବି ଖୁବ୍ ଚମତ୍କାର ଲାଗୁଥିଲା।

**-ସବିତା ପଟ୍ଟନାୟକ, ଯାଜପୁର ଟାଉନ୍, ଯାଜପୁର**

## ବିଶେଷ ଚିଠି



କଣ୍ଟାରେ ସୁଷମା
ଥିଲା ଏକ ନିଆରା ଆଲେଖ୍ୟ,
ଏଭଳି ପ୍ରଚ୍ଛଦ ପଢ଼ି
ସମସ୍ତେ ହେଲେ ଆଶ୍ଚର୍ଯ୍ୟ ଚକିତ।
ଲାଇଫ୍ ଷ୍ଟାଇଲରେ ଭେଲ୍‌ଭେଟ୍
ଫୁଟ୍‌ୱେର
ଶିଖାଇଲା ନୂଆ ଫ୍ୟାଶନ,
ଗପ, କବିତାର ପ୍ରେମରେ ପଡ଼ିଲି
ପଢ଼ି ତୁମ ସୃଜନ।
ଛୁଟିଦିନ ତୁମେ ଭାରି ବଢ଼ିଆ
ସଭିଙ୍କୁ ଏମିତି କରୁଥାଅ କିମିଆ।

**-ଲିକାଲିନ୍ ମହାନ୍ତି, ବାଲିସାହି, ପୁରୀ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଚର୍ଚ୍ଚିତ ପ୍ରେମ କାହାଣୀ

**ପ୍ରେମ ଶାଶ୍ୱତ ଓ ସୁନ୍ଦର। ଏହା କେବେ, କେତେବେଳେ, କାହା ସହିତ ବି ହୋଇପାରେ। ଆଉ ଥରେ ମନରେ ମନ ମିଶିଗଲେ ନା ସମାଜ, ନା ପରିବାର କେହି କରିପାରନ୍ତିନି ଅଲଗା। ଏମିତିକି ଭଗବାନଙ୍କ ସହ ବି ଲଢି ହେଇଯାଏ ପ୍ରେମରେ। ଏଠାରେ ଏମିତି କିଛି ଚର୍ଚ୍ଚିତ ପ୍ରେମ କାହାଣୀ ରହିଛି ଯେଉଁଥିରେ ପ୍ରେମୀଯୁଗଳ ନିଜ ପ୍ରେମକୁ ପାଇବା ପାଇଁ ସବୁ ଅସମ୍ଭବକୁ ବି କରିଦେଇଛନ୍ତି ସମ୍ଭବ..**





ଗଣେଶ– ରଞ୍ଜନା



ବିଜେନ୍ଦ୍ର–ଲୀଳା






ରାହୁଲ୍ – ଅନାମିକା





ପ୍ରେମ ଶାଶ୍ୱତ ଓ ସୁନ୍ଦର। ଏହା କେବେ କାହା ସହିତ ହୋଇଯାଏ କେହି ଜାଣିପାରନ୍ତି ନାହିଁ। ବିଶ୍ୱାସ ଓ ଉତ୍ତମ ବୁଝାମଣାକୁ ନେଇ ଏଇ ପ୍ରେମ ଆଗାଏ। କେବେ ଏହା ସଫଳ ହୋଇଯାଏ ତ କେବେ ରହିଯାଏ ଅଧା। ଅନେକ ସମୟରେ ପରିଣୟର ବି ରୂପ ନିଏ। ପୁଣି କେବେ କେବେ କିଛି ସଫଳ ପ୍ରେମକାହାଣୀ ବିଭିନ୍ନ ଘଟଣା ଓ ଦୁର୍ଘଟଣାର ବଶବର୍ତ୍ତୀ ହୋଇ ଖୁବ୍ ଚର୍ଚ୍ଚାର ପରିସରକୁ ଆସିଯାଏ। ଯେମିତିକି ଏଠାରେ ଉଲ୍ଲେଖ କରାଯାଇଥିବା କିଛି ନିଆରା ସତ ପ୍ରେମକାହାଣୀ ; ଯାହା ଦିନେ ଖୁବ୍ ଭାଇରାଲ୍ ହୋଇ ସମସ୍ତଙ୍କୁ ଚକିତ କରିଥିଲା...

**୧୮ ମାସ ପରେ ଫେରିପାଇଲେ ସ୍ତ୍ରୀଙ୍କୁ:** ଜୁନ୍ ୨୦୧୩ରେ ଉତ୍ତରାଖଣ୍ଡରେ ଯେଉଁ ପ୍ରଳୟଙ୍କରୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା, ସେକଥା ଭାବିଲେ ଲୋମ ଟାଙ୍କୁରି ଉଠେ। ଏହି ବନ୍ୟା ଜଳରେ କେତେ ଯେ ଲୋକ ଭାସିଗଲେ, କେତେ ବେସାହାରା ହେଲେ ତା'ର ଆକଳନ କରିବା ସମ୍ଭବ ନୁହେଁ। ଏହି ମହାବିପତ୍ତି କେବଳ ଧନଜୀବନ ନଷ୍ଟ କରିଥିଲା ତାହା ନୁହେଁ, ସଚ୍ଚା ପ୍ରେମ କରୁଥିବା ଏକ ଦମ୍ପତିଙ୍କୁ ମଧ୍ୟ ପରସ୍ପରଠାରୁ ଏମିତି ଅଲଗା କରିଦେଲା ଯେ, ସେମାନଙ୍କର ପୁନର୍ମିଳନ ହେବା ପାଇଁ ପାଖାପାଖି ଅଠର ମାସରୁ ଅଧିକ ସମୟ ଲାଗିଗଲା, ସେ ପୁଣି ବହୁ ବାଧାବିଘ୍ନକୁ ସାମ୍ନା କରିକରି। ଘଟଣାଟି ଥିଲା ଏମିତି: ରାଜସ୍ଥାନର ବିଜେନ୍ଦ୍ର ସିଂ ରାଠୋର ହେଉଛନ୍ତି ପାଞ୍ଚଟି ପିଲାଙ୍କ ଜନକ। ସେ ଏକ ଟ୍ରାଭେଲ୍ ଏଜେନ୍ସିରେ କାମ କରନ୍ତି। ଜୁନ୍ ୨୦୧୩ରେ ତାଙ୍କ ଧର୍ମପତ୍ନୀ ଲୀଳା ଚାରିଧାମ ଯାତ୍ରାରେ ଯିବା ପାଇଁ ଇଚ୍ଛାପ୍ରକାଶ କରିବାରୁ ସେ ଟିକେ ଚିନ୍ତାରେ ଥା'ନ୍ତି। ଠିକ୍ ଏହି ସମୟରେ ତାଙ୍କ ଟ୍ରାଭେଲ୍ ଏଜେନ୍ସିର ଏକ ଗ୍ରୁପ୍ କେଦାରନାଥ ଯାତ୍ରା ପାଇଁ ବାହାରିବାରୁ ପିଲାମାନଙ୍କର ଦାୟିତ୍ୱ ଘର ଲୋକଙ୍କୁ ହସ୍ତାନ୍ତର କରି ପତ୍ନୀପତି ଦୁହେଁ ସେହି ଗ୍ରୁପ୍‌ରେ ସାମିଲ ହୋଇ କେଦାରନାଥରେ ଯାଇ ପହଞ୍ଚନ୍ତି। ସେଠାରେ ସେମାନେ ଏକ ଲଜ୍‌ରେ ରୁହନ୍ତି। ଆଖପାଖ ସ୍ଥାନ ବୁଲାବୁଲି କରିବା ପରେ ସ୍ତ୍ରୀ ଲୀଳାଙ୍କୁ ଲଜ୍‌ରେ ଛାଡ଼ି କିଛି କାମରେ ବିଜେନ୍ଦ୍ର ଟିକେ ବାହାରକୁ ଚାଲିଯାଆନ୍ତି। ହଠାତ୍ ଏହି ସମୟରେ ଚାରିଆଡ଼େ ହାହାକାର ଖେଳିଯାଏ। କିଛିଦିନ ଧରି ଉପର ମୁଣ୍ଡରେ ପ୍ରବଳ ବର୍ଷା ହେଉଥିବା ଯୋଗୁ ଉତ୍ତରାଖଣ୍ଡସ୍ଥିତ ଅଧିକାଂଶ ନଦୀର ଜଳସ୍ତର ଖୁବ୍ ବଢିଯାଇଥାଏ। ଏପରିକି କେଦାରନାଥ ମନ୍ଦିରର ନିକଟ ଦେଇ ଯାଇଥିବା ମନ୍ଦାକିନୀ ନଦୀର ଜଳସ୍ତର ବି ବିପଦସଙ୍କୁଳ ଉପର ଦେଇ ପ୍ରବାହିତ ହେଉଥାଏ। ଚାହୁଁଚାହୁଁ କିଛି ମୁହୂର୍ତ୍ତ ମଧ୍ୟରେ ଉତ୍ତରାଖଣ୍ଡର ବିଭିନ୍ନ ସ୍ଥାନରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହେଲା।

ଏହି ବନ୍ୟାଜଳ କେଦାରନାଥ ଆଡ଼କୁ ବି ମାଡି ଆସିଲା। ଜଳର ସ୍ରୋତ ଏତେ ଭୟଙ୍କର ଥିଲା ଯେ, କେହି କିଛି ବୁଝିବା ପୂର୍ବରୁ ଏହା ଅନେକ ଘରଦ୍ୱାର, ଲଜ୍, ଦୋକାନ ବଜାର ସହିତ ଶହ ଶହ ଲୋକଙ୍କୁ ଭସାଇ ନେଲା। ଜଳର ପ୍ରଖର ଗତି ଯୋଗୁ ଭୂସ୍ଖଳନ ହୋଇ ଅନେକ ଘରଦ୍ୱାର ମୂଳରୁ ଭୁଶୁଡି ପଡ଼ି ପାଣିରେ ଜଳମଗ୍ନ ହୋଇଯାଉଥିଲା। ଚାରିଆଡ଼େ ରକ୍ଷା କର ! ରକ୍ଷା କର ! ଆକୁଳ ଚିତ୍କାର ସାଙ୍ଗକୁ କାନ୍ଦବୋବାଳି ଶୁଭୁଥିଲା। ଏହି ଭୟଙ୍କର ପରିସ୍ଥିତିର ଶିକାର ବିଜେନ୍ଦ୍ର ବି ହୋଇଥିଲେ। ଭଗବାନଙ୍କ ଆଶୀର୍ବାଦରୁ ବହୁ କଷ୍ଟରେ ନିଜ ଜୀବନକୁ ବଞ୍ଚାଇ ସ୍ତ୍ରୀ ଲୀଳାଙ୍କୁ ଖୋଜିବା ପାଇଁ ସିଏ ଯେତେବେଳେ ଲଜ୍ ପାଖକୁ ଯିବାକୁ ଚାହିଁଲେ, ସେଠାରେ ତାଙ୍କୁ ଆଉ ଲଜ୍ ମିଳିଲାନି। ଲୋକଙ୍କଠାରୁ ଶୁଣିବାକୁ ପାଇଲେ ବନ୍ୟାଜଳରେ ଉକ୍ତ ଲଜ୍‌ଟି ଭୁଶୁଡି ଯାଇଛି, ଆଉ ସେଥିରେ ଥିବା ସମସ୍ତ ଲୋକ ପାଣିରେ କୁଆଡ଼େ ଭାସି ଯାଇଛନ୍ତି। କିନ୍ତୁ ଏକଥାକୁ ଆଦୌ ବିଶ୍ୱାସ କରିପାରିଲେନି ବିଜେନ୍ଦ୍ର। ତାଙ୍କ ମନ କହୁଥିଲା ଲୀଳା ବଞ୍ଚିଛନ୍ତି, ଆଉ ଦିନେ ନା ଦିନେ ସିଏ ତାଙ୍କୁ ଖୋଜି ବାହାର କରିବେ। ଏହିପରି ଦିନ ପରେ ଦିନ ବିତି ଚାଲିଥାଏ। ପାଗଳପ୍ରାୟ ହୋଇ ଲୀଳାଙ୍କୁ ଖୋଜୁଥା'ନ୍ତି ବିଜେନ୍ଦ୍ର। ସମ୍ବଳ ବୋଲି ତାଙ୍କ ପାଖରେ ଥାଏ ଅଳ୍ପ କିଛି ଟଙ୍କା ଆଉ ସ୍ତ୍ରୀଙ୍କର ଗୋଟିଏ ଫଟୋ। ସେହି ଫଟୋକୁ ଆଖପାଖର ଲୋକଙ୍କୁ ଦେଖାଇ ବିଜେନ୍ଦ୍ର ପଚାରୁଥାନ୍ତି, 'ମୋ ସ୍ତ୍ରୀଙ୍କୁ କେହି ଦେଖିଛ କି' ! କିନ୍ତୁ ସମସ୍ତଙ୍କଠାରୁ ସେ ନାସ୍ତିବାଣୀ ଶୁଣୁଥା'ନ୍ତି। ୟା'ରି ଭିତରେ ସରକାରଙ୍କ ତରଫରୁ ବନ୍ୟାରେ ମୃତ୍ୟୁବରଣ କରିଥିବା ଲୋକମାନଙ୍କର ଏକ ତାଲିକା ପ୍ରକାଶ ପାଏ ; ଯେଉଁଥିରେ ଲୀଳାଙ୍କର ମଧ୍ୟ ନାମ ରହିଥାଏ। କିନ୍ତୁ ତାହାକୁ ଅସ୍ୱୀକାର କରନ୍ତି ବିଜେନ୍ଦ୍ର। ଏପରିକି ସରକାରଙ୍କ ତରଫରୁ ଦିଆଯାଉଥିବା କ୍ଷତିପୂରଣକୁ ବି ସେ ଗ୍ରହଣ କରନ୍ତି ନାହିଁ। ନିଜ ଉଦ୍ୟମରେ ସ୍ତ୍ରୀଙ୍କୁ ଖୋଜି ବାହାର କରିବାକୁ ସେ ଆହୁରି ଦୃଢ଼ମନା ହୋଇଯା'ନ୍ତି ; ଯେଉଁଥିପାଇଁ ତାଙ୍କୁ ଅଧିକ ଅର୍ଥର ଆବଶ୍ୟକତା ପଡ଼େ। ଫଳରେ ବାଧ୍ୟ ହୋଇ ଗାଁକୁ ଫେରିଯାଇ ନିଜ ପୈତୃକ ସମ୍ପତ୍ତିକୁ ବିକ୍ରି କରି ପିଲାମାନଙ୍କୁ ବୁଝାଇ ଶୁଝାଇ ବିଜେନ୍ଦ୍ର ପୁଣି ଫେରିଆସନ୍ତି କେଦାରନାଥକୁ। କେଦାରନାଥର ଆଖପାଖରେ ଯେତେ ଛୋଟମୋଟ ଗାଁ ରହିଛି ସବୁଠିକୁ ସେ ଯାଇ ଲୀଳାଙ୍କୁ ଖୋଜୁଥା'ନ୍ତି। ଏହିପରି ୧୮ ମାସ ବିତିଯାଏ। ଜାନୁୟାରୀ ୨୦୧୫ ଏକ ନୂଆ ସକାଳ ନେଇ ଆସେ ବିଜେନ୍ଦ୍ରଙ୍କ ଜୀବନରେ। ଲୀଳାଙ୍କର ଫଟୋ ଦେଖି ଗଙ୍ଗୋଲି ନାମକ ଏକ ଗାଁର କିଛି ଲୋକ ବିଜେନ୍ଦ୍ରଙ୍କୁ କୁହନ୍ତି ଯେ, ଏହିପରି ଜଣେ ମହିଳା କିଛିଦିନ ହେବ ଆମର ଏହି ଗାଁରେ ବୁଲୁଛି। ହେଲେ ତା'ର ମାନସିକ ଅବସ୍ଥା ଠିକ୍ ଥିଲା ପରି ଲାଗୁନି। ଏକଥା ଶୁଣି ବିଜେନ୍ଦ୍ର ଭୋ ଭୋ ହୋଇ କାନ୍ଦିବାକୁ ଲାଗନ୍ତି ଆଉ ନେହୁରା ହୁଅନ୍ତି ସେହି ମହିଳାଙ୍କ ପାଖକୁ ତାଙ୍କୁ ଟିକେ ନେଇଯିବାକୁ। ସେମାନଙ୍କ ସହାୟତାରେ ଯେତେବେଳେ ବିଜେନ୍ଦ୍ର ଯାଇ ସେହି ମହିଳାଙ୍କ ନିକଟରେ ପହଞ୍ଚନ୍ତି, ସେଠି ସତକୁ ସତ ଲୀଳା ହିଁ ଥା'ନ୍ତି। ତା'ପରେ ବିଜେନ୍ଦ୍ରଙ୍କର ଖୁସି ବନ୍ଧବାଡ଼ ମାନେନାହିଁ। ସ୍ତ୍ରୀ ଲୀଳାଙ୍କୁ ଧରି ବିଜେନ୍ଦ୍ର ଖୁବ୍ କାନ୍ଦନ୍ତି ; ହେଲେ ଲୀଳାଙ୍କର କିଛି ବି ପ୍ରତିକ୍ରିୟା ନ ଥାଏ। ଯେହେତୁ ତାଙ୍କର ମାନସିକ ଅବସ୍ଥା ଭଲ ନ ଥାଏ, ସେ ଖାଲି ବଲବଲ ହୋଇ ବିଜେନ୍ଦ୍ରଙ୍କୁ ଚାହୁଁଥା'ନ୍ତି।



→

ତା'ପରେ ବିଜେନ୍ଦ୍ର ଲୀଲାଙ୍କୁ ନେଇ ନିଜ ଗାଁକୁ ଫେରିଯାନ୍ତି। ସେଠି ତାଙ୍କର ଚିକିତ୍ସା କରାଇ, ଖୁବ୍ ଯତ୍ନ ନେଇ ତାଙ୍କୁ ଠିକ୍ କରିବାକୁ ଚେଷ୍ଟା କରନ୍ତି। ବିଜେନ୍ଦ୍ରଙ୍କର ଆଦରଯତ୍ନ ସାଙ୍ଗକୁ ପିଲାମାନଙ୍କ ଗହଣରେ ରହି ଲୀଲା ଧୀରେ ଧୀରେ ଠିକ୍ ହେବାକୁ ଲାଗନ୍ତି। ପୁଣି ବିଜେନ୍ଦ୍ରଙ୍କର ଉଜୁଡ଼ା ସଂସାର ହସିଉଠେ। ତେବେ ଏହା ଶୁଣିବାକୁ କାହାଣୀ ପରି ଲାଗୁଥାଇପାରେ କିନ୍ତୁ ଏହା ଏକ ନିଚ୍ଛକ ସତ ଘଟଣା ; ଯାହା ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ୍ ହୋଇଥିଲା। ଆଉ ଲୋକେ ବିଜେନ୍ଦ୍ରଙ୍କର ଏତାଦୃଶ ଭଲପାଇବାକୁ ଖୁବ୍ ତାରିଫ ମଧ୍ୟ କରିଥିଲେ।

**ପରସ୍ପରର କଥା ବୁଝି ନ ପାରି ବି ହେଲା ପ୍ରେମ:** ଏହି ଭାଇରାଲ୍ ପ୍ରେମକାହାଣୀ ହେଉଛି ବ୍ରିଟେନ୍‌ର ଲ୍ୟୁକ୍ ଡିକିନ୍‌ସନ୍ ଆଉ ୟୁକ୍ରେନ୍‌ର ବୀରା କ୍ଲିମୋଭାଙ୍କର। ଏକଦା ଦୁହେଁ ରିଫ୍ୟୁଜି ବା ଶରଣାର୍ଥୀମାନଙ୍କୁ ସାହାଯ୍ୟ କରିବାର କାମ କରୁଥିଲେ। ବୀରା ନିଜେ ବି ଥିଲେ ଜଣେ ଶରଣାର୍ଥୀ। ଫେସ୍‌ବୁକ୍ ମାଧ୍ୟମରେ ସେମାନେ ପରସ୍ପରକୁ ଜାଣିବାର ସୁଯୋଗ ପାଇଥିଲେ। କିନ୍ତୁ ଗୋଟେ ସମସ୍ୟା ଥିଲା। ଦୁଇଜଣଙ୍କର ଭାଷା ଅଲଗା ଥିବାରୁ ପରସ୍ପରର ଭାଷାକୁ ବୁଝି ପାରୁ ନ ଥିଲେ। ସେଥିପାଇଁ ସେମାନେ ଗୁଗଲ୍ ଟ୍ରାନ୍ସଲେଟ୍‌କୁ ବ୍ୟବହାର କରି ଚାଟିଂ ମାଧ୍ୟମରେ ଭାବର ଆଦାନପ୍ରଦାନ କରୁଥିଲେ। ଭାଷା ବାଧକ ସାଜିଥିଲେ ବି ସେମାନଙ୍କର ସମ୍ପର୍କ ଦିନକୁ ଦିନ ନିବିଡ଼ ହେଉଥିଲା ଆଉ କଥା ବିବାହ ଆଡ଼କୁ ମଧ୍ୟ ଗତି କରୁଥିଲା। ଲ୍ୟୁକ୍ ସିନା ଅବିବାହିତ ଥିଲେ କିନ୍ତୁ ବୀରା ପୂର୍ବରୁ ବିବାହିତା ଥିଲେ ଆଉ ତାଙ୍କର ୧୫ ବର୍ଷର ଏକ ଝିଅ ମଧ୍ୟ ଥିଲା। କିନ୍ତୁ ସ୍ୱାମୀ ତାଙ୍କ ପାଖରେ ରହୁ ନ ଥିଲେ। ଏକାକୀ ଜଣେ ମହିଳା ୧୫ ବର୍ଷର ଝିଅକୁ ଧରି ଶରଣାର୍ଥୀ ଭାବେ ବଞ୍ଚିବା କେତେ ଯେ କଷ୍ଟ ସେକଥା ଲ୍ୟୁକ୍ ହୃଦୟଙ୍ଗମ କରିପାରି ବୀରାଙ୍କୁ ବିବାହର ପ୍ରସ୍ତାବ ଦେଲେ। ଆଉ ବୀରାଙ୍କୁ ୟୁକ୍ରେନ୍ ଛାଡ଼ି ବ୍ରିଟେନ୍‌କୁ ଚାଲି ଆସିବାକୁ ମଧ୍ୟ କହିଲେ। ବୀରା ବି ଝିଅ ସହିତ ବ୍ରିଟେନ୍ ଯିବା ପାଇଁ ଟ୍ରାଭେଲ୍ ଆପ୍ରୁଭାଲ୍ କରାଇ ସାରିଥିଲେ। କିନ୍ତୁ ହଠାତ୍ ଏକ ଅଘଟଣ ଘଟିଲା। ୨୪ ଫେବୃୟାରୀ ୨୦୨୨ରେ, ଏକ ଭୟଙ୍କର ବମ୍ବବ୍ଲାଷ୍ଟରେ ୟୁକ୍ରେନ୍‌ରେ ଥିବା ବୀରାଙ୍କର ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା। ଜୀବନ ରକ୍ଷା କରିବା ପାଇଁ ବୀରା ଓ ତାଙ୍କ ଝିଅ କିଛି ଲୋକଙ୍କ ସହାୟତାରେ ହଲାଣ୍ଡରେ ଯାଇ କିଛିଦିନ ରହିଲେ। ପରେ ସେଠାରୁ ମା'ଝିଅ ବହୁ ଉଦ୍ୟମ କରି ଏପ୍ରିଲ୍ ୬ରେ ଯାଇ ବ୍ରିଟେନ୍‌ରେ ପହଞ୍ଚିଲେ। ସେଠି ପ୍ରଥମେ ବୀରା ଇଂଲିଶ୍ ଶିଖିବାକୁ ଚେଷ୍ଟା କଲେ, ତା'ସହିତ ଡ୍ରାଇଭିଂ ବି ଶିଖିଲେ ; ଯଦ୍ୱାରା ସେଠାରେ ତାଙ୍କୁ କିଛି କାମ ମିଳିଯାଇପାରିବ। ଏଥିସହିତ ଲ୍ୟୁକ୍‌ଙ୍କ ସହ ଇଂଲିଶ୍‌ରେ କଥା ହୋଇ ତାଙ୍କୁ ଯେମିତି ସରପ୍ରାଇଜ୍ ଦେଇପାରିବେ। ଏମିତି କିଛିଦିନ ବିତିଯିବା ପରେ ଜୁଲାଇରେ ଲ୍ୟୁକ୍ ଓ ବୀରାଙ୍କର ଦେଖାହେଲା। ବୀରା ସେତେବେଳକୁ କିଛି କିଛି ଇଂଲିଶ୍ ଶିଖିସାରିଥିଲେ। ଏକଥା ଲ୍ୟୁକ୍ ଜାଣିବା ପରେ ବହୁତ ଖୁସି ହୋଇଥିଲେ। ଆଉ ସେହିଦିନ ହିଁ ସେମାନେ ବିବାହ କରିବାକୁ ନିଷ୍ପତ୍ତି ନେଲେ। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁଦିନ ସେମାନେ ବିବାହ କଲେ ସେଦିନ ଉଭୟେ ଆମନ୍ତ୍ରିତ ଅତିଥିଙ୍କୁ ନିଜ ନିଜ ଭାଷାରେ ସ୍ୱାଗତ କରି ଆପ୍ୟାୟିତ କରାଇଥିଲେ। ଏହି ଘଟଣା ବି ସେତେବେଳେ ଖୁବ୍ ଚର୍ଚ୍ଚାର ପରିସରକୁ ଆସିଥିଲା।


ଲ୍ୟୁକ-ବୀରା

**ପ୍ରେମରେ ବାଧା ଦେଲାନି ଶାରିରୀକ ଅକ୍ଷମତା:** ରାହୁଲ ସିଂ ଦିୱାକର ଏବଂ ଅନାମିକା ଭରତିଆଙ୍କର ପ୍ରେମ କାହାଣୀ ଆରମ୍ଭ ହୁଏ ଉତ୍ତରପ୍ରଦେଶର ଫତେଗଡ଼ରୁ। ସେତେବେଳେ ଉଭୟଙ୍କୁ ମାତ୍ର ୯ ବର୍ଷ ବୟସ ହୋଇଥାଏ। ଉଭୟେ ପଡ଼ୋଶୀ ଥା'ନ୍ତି। ମନରେ ଭଲପାଇବା ଥିଲେ ବି ପରସ୍ପରକୁ କେହି କିଛି ବି କହି ନ ଥାନ୍ତି। ଏମିତି ସମୟ ବିତିଚାଲେ। ୨୦୦୮ରେ ପାଖରେ ପଡ଼ିଥିବା ଏକ ମେଳାକୁ ବୁଲିଗଲାବେଳେ ରାହୁଲ୍ ଅନାମିକାକୁ ଏକ ବୁକେ ଦେଇ ଆଇ ଲଭ୍ ୟୁ କୁହନ୍ତି। ବାସ୍ ତା'ପରଠୁ ପରିବାର ଲୋକଙ୍କ ଅଗୋଚରରେ ସେମାନଙ୍କର ସମ୍ପର୍କ ନିବିଡ଼ ହୋଇଚାଲେ। କିନ୍ତୁ ସେମାନଙ୍କର ଭଲପାଇବାକୁ ହଠାତ୍ କାହାର ନଜର ଲାଗିଗଲା ଭଳି ୨୦୧୬ ମାର୍ଚ୍ଚ ୧୩ରେ ରାହୁଲ୍ ଏକ ସଡ଼କ ଦୁର୍ଘଟଣାର ଶିକାର ହୁଅନ୍ତି, ଯେଉଁଥିରେ ରାହୁଲଙ୍କର ଅଣ୍ଟାଠାରୁ ତଳଭାଗ ପର୍ଯ୍ୟନ୍ତ ଅଙ୍ଗ ପାରାଲିସିସ୍ ହୋଇଯାଏ। ଆଉ ସିଏ ହୁଇଲ୍ ଚେୟାର୍ ସାହାଯ୍ୟରେ ଯା'ଆସ କରିବାକୁ ଲାଗନ୍ତି। ପ୍ରେମିକର ଏଭଳି ଅବସ୍ଥାରେ ତାଙ୍କୁ ସାହସ ଦେବା ସହ ତାଙ୍କର ସମ୍ପୂର୍ଣ୍ଣ ଯତ୍ନ ନେବାକୁ ଅନାମିକା ଦିନରାତି ଏକ କରିଦିଅନ୍ତି। ରାହୁଲ୍‌ଙ୍କ ବାପା ଯିଏକି ଜଣେ ଆର୍ମି ଅଫିସର୍, ମା' ଓ ଭଉଣୀ ଉଭୟ ଶିକ୍ଷକତା କରୁଥିବାରୁ ଦିନଯାକ ଘରେ କେହି ରୁହନ୍ତି ନାହିଁ। ସେ ସମୟରେ ବି ଅନାମିକା ରାହୁଲ୍‌ଙ୍କ ପାଖେ ପାଖେ ରହି ତାଙ୍କୁ ଗାଧୋଇ ଦେବା, ଖୁଆଇ ଦେବା ଆଦି କାମ କରିଥାନ୍ତି। ଏପରିକି ରାହୁଲ ଦୁଃଖରେ ଭାଙ୍ଗିପଡିଲେ ତାଙ୍କୁ ଅନାମିକା ଦୃଢ଼ ହେବାପାଇଁ ପ୍ରେରଣା ଦେଇଥାନ୍ତି। ଏମିତି ଦୁଇମାସ ବିତିଯାଏ। ତା'ପରେ ରାହୁଲଙ୍କ ପରିବାର ଲକ୍ଷ୍ନୌ ସିଫ୍ଟ ହୋଇ ଚାଲିଯାନ୍ତି। ପୁଣି ଅଲଗା ହୋଇଯାନ୍ତି ରାହୁଲ୍, ଅନାମିକା। ଦେଖା ସିନା ହୋଇପାରନ୍ତିନି ହେଲେ ଫୋନ୍‌ରେ ସେମାନେ ଘଣ୍ଟା ଘଣ୍ଟା ଧରି କଥା ହୁଅନ୍ତି। ଏମିତି ୪ବର୍ଷ ବିତିବା ପରେ ଆଉ ଧୈର୍ଯ୍ୟ ଧରି ରହିପାରନ୍ତିନି ଅନାମିକା। ପରିବାର ଲୋକଙ୍କୁ ନ ଜଣାଇ ଅନାମିକା ଲକ୍ଷ୍ନୌ ଚାଲିଯାନ୍ତି, ଆଉ ନିଜ ମନକଥା ରାହୁଲଙ୍କ ପରିବାର ଲୋକଙ୍କୁ ଜଣାନ୍ତି। କିନ୍ତୁ ରାହୁଲଙ୍କ ବାପା ଭିନ୍ନ ଜାତିର ଆଳ ଦେଖାଇ ସେ କଥାକୁ ଟାଳି ଦିଅନ୍ତି। ପୁଣି ନିରାଶ ହୋଇ ଫେରନ୍ତି ଅନାମିକା। କିଛିଦିନ ପରେ ଅନାମିକା ଶୁଣିବାକୁ ପାଆନ୍ତି ଯେ, ରାହୁଲ୍ ଚଣ୍ଡିଗଡ଼ସ୍ଥିତ ସ୍ପାଇନାଲ୍ ରିହାବ୍ ସେଣ୍ଟରକୁ ଚିକିତ୍ସା ପାଇଁ ଯାଉଛନ୍ତି। ଏକଥା ଜାଣି ଅନାମିକା ସେଠି ବି ଯାଇ ପହଞ୍ଚିଯାନ୍ତି। ରିହାବ୍ ସେଣ୍ଟରର କର୍ମଚାରୀଙ୍କୁ ସେମାନଙ୍କର ସମ୍ପର୍କ ବିଷୟରେ ଜଣାଇ ସେଠାରେ ରହି ରାହୁଲ୍‌ଙ୍କର ଖୁବ୍ ଯତ୍ନ ନିଅନ୍ତି ଅନାମିକା। ଧୀରେ ଧୀରେ ତାଙ୍କ ପ୍ରେମକାହାଣୀ ଚର୍ଚ୍ଚା ହୋଇ ରିହାବ୍ ସେଣ୍ଟରର ସିଇଓଙ୍କ କାନକୁ ଯାଏ। ସିଏ ରାହୁଲ୍‌ଙ୍କ ବାପାଙ୍କୁ ବୁଝାଇବାକୁ ଚେଷ୍ଟା କରନ୍ତି ଆଉ ଶେଷରେ ରାହୁଲ୍‌ଙ୍କ ବାପା ବି ଏହି ବିବାହ ପାଇଁ ରାଜି ହୁଅନ୍ତି। ବିବାହ ଦିନ ରାହୁଲ ହୁଇଲ୍‌ଚେୟାରରେ ବସି ଅନାମିକାଙ୍କ ସହ ସାତ ଫେରେ ନେଉଥିବାର ଦୃଶ୍ୟ ଇଣ୍ଟରନେଟ୍‌ରେ ବେଶ୍ ଭାଇରାଲ୍ ବି ହୋଇଥିଲା।







**ମୃତ୍ୟୁ ପରେ ବିବାହ ବନ୍ଧନରେ ବାନ୍ଧିହେଲେ :** ଏଭଳି ଏକ ବିଚିତ୍ର ଘଟଣା ଘଟିଛି ଗୁଜରାଟର ତାପି ଜିଲା ଅନ୍ତର୍ଗତ ନେୱାଲା ଗାଁରେ। ଏହି ଗାଁର ଗଣେଶ ଓ ରଞ୍ଜନା ପରସ୍ପରକୁ ଖୁବ୍ ଭଲ ପାଉଥିଲେ। ବିବାହ କରିବାକୁ ନିଷ୍ପତ୍ତି ବି ନେଇଥିଲେ। କିନ୍ତୁ ଏକଥାକୁ ଉଭୟଙ୍କ ପରିବାର ଲୋକେ ଘୋର ବିରୋଧ କରୁଥିଲେ। ସେମାନଙ୍କୁ ବୁଝାଇବାକୁ ଯେତେ ଚେଷ୍ଟା କଲେ ବି ପ୍ରତିଥର ସେମାନଙ୍କର ଚେଷ୍ଟା ବିଫଳ ହୋଇଯାଉଥିଲା। ଏପରିକି ଘର ଲୋକଙ୍କଠାରୁ ଗଣେଶ ଓ ରଞ୍ଜନାଙ୍କୁ ଅନେକ କଟୁ କଥା ଶୁଣିବାକୁ ମଧ୍ୟ ପଡୁଥିଲା। ଶେଷରେ ସେମାନେ ଏକ କଠୋର ନିଷ୍ପତ୍ତି ନେବାକୁ ବାଧ ହେଲେ। ଯଦି ସେମାନଙ୍କୁ ତାଙ୍କ ସମାଜ ଆଉ ପରିବାର ଏକାଠି କରିବାକୁ ଦେବନାହିଁ, ତା'ହେଲେ ସେମାନେ ଏ ସଂସାର ତ୍ୟାଗ କରିଦେବେ। ଶେଷରେ ସେୟା ହିଁ ହେଲା। ଅଗଷ୍ଟ ୨୦୨୨ରେ ସେମାନେ ଆତ୍ମହତ୍ୟା କଲେ। ସେମାନଙ୍କ ଆତ୍ମହତ୍ୟା ଘଟଣା ଯେତେବେଳେ ଉଭୟ ପରିବାର ଜାଣିଲେ ସେମାନଙ୍କ ଆଖିରୁ ନିଦ ହଜିଗଲା। ସାମାନ୍ୟ ଜିଦ୍ ପାଇଁ ଯେ ଦୁଇଟି ପିଲାଙ୍କର ଜୀବନ ଦୀପ ଅକାଳରେ ଲିଭିଗଲା ସେ କଥାକୁ ସେମାନେ ହୃଦୟଙ୍ଗମ କଲେ। ନିଜ ଭୁଲ୍‌କୁ କିପରି ସୁଧାରିବେ ଆଉ ପ୍ରେମୀଯୁଗଳଙ୍କର ଆତ୍ମାକୁ କିପରି ଶାନ୍ତି ଦେବେ ସେହି ଚିନ୍ତାରେ ସେମାନେ ରହିଲେ। ଏ ଘଟଣାର କିଛିଦିନ ପରେ ଉଭୟ ପରିବାର ସଦସ୍ୟ ଏକାଠି ବସି ଗୋଟିଏ ନିଷ୍ପତ୍ତି ନେଲେ, ଜୀବିତ ଅବସ୍ଥାରେ ନ ହେଲା ନାହିଁ ମୃତ୍ୟୁ ପରେ ସେମାନେ ଗଣେଶ ଓ ରଞ୍ଜନାଙ୍କର ପ୍ରତୀକାତ୍ମକ ବିବାହ କରି ସେମାନଙ୍କୁ ଏକାଠି କରାଇଦେବେ। ସେଥିପାଇଁ ସେମାନେ ଗଣେଶ ଓ ରଞ୍ଜନାଙ୍କର ପ୍ରତିମୂର୍ତ୍ତି ତିଆରି କରି ତାଙ୍କୁ ବରବଧୂରେ ସଜାଇଦେଲେ। ରୀତିନୀତି ଅନୁସାରେ ସେମାନଙ୍କର ବିବାହ କାର୍ଯ୍ୟ ବି ସମ୍ପନ୍ନ କଲେ। ଏହି ମାଙ୍ଗଳିକ କାର୍ଯ୍ୟରେ ଗାଁର ସବୁ ଲୋକ ସାମିଲ ହୋଇ ବରବଧୂଙ୍କୁ ଶୁଭାଶୀର୍ବାଦ ବି କଲେ। ଏଭଳି ଏକ ବିଚିତ୍ର ବାହାଘରକୁ ନେଇ ଏଇ କିଛିଦିନ ତଳେ ସୋସିଆଲ୍ ମିଡିଆରେ ବେଶ୍ ଚର୍ଚ୍ଚା ହୋଇଥିଲା। ଆଉ ସଭିଙ୍କ ମୁହଁରେ ଗୋଟିଏ କଥା ହିଁ ଶୁଣିବାକୁ ମିଳୁଥିଲା– ଉଭୟ ପରିବାର ଏହି କଥା ସମୟ ଥାଉ ଥାଉ ଚିନ୍ତା କରିଥିଲେ ଗଣେଶ ଓ ରଞ୍ଜନା ମୃତ୍ୟୁ ପରେ ନୁହେଁ ବରଂ ଜୀବିତାବସ୍ଥାରେ ହିଁ ସ୍ୱାମୀସ୍ତ୍ରୀର ପବିତ୍ର ସମ୍ପର୍କରେ ବାନ୍ଧି ହୋଇଥା'ନ୍ତେ।

କେବଳ ଏଇ କେତୋଟି ଘଟଣା ନୁହେଁ, ଆହୁରି ଅନେକ ଏମିତି ପ୍ରେମକାହାଣୀ ରହିଛି, ଯାହା ଭିନ୍ନ ହେବା ସହ ବେଶ୍ ଚର୍ଚ୍ଚାର ପରିସରକୁ ଆସିଛି। ତେବେ ସେ ଯାହା ବି ହେଉ, ପ୍ରେମ ସେହି ସ୍ଥାନରେ ସଫଳ ହୁଏ, ଯେଉଁଠି ବିଶ୍ୱାସ, ଉତ୍ତମ ବୁଝାମଣା ସହ ନିଃସ୍ୱାର୍ଥପର ଭଲପାଇବା ରହିଥାଏ।

–ଅନ୍ୱିତା ମିଶ୍ର



# ନା କହିଛୁ 'ଆଇ ଲଭ୍ ୟୁ' ନା ଦେଇଛୁ 'ଉପହାର'

**କେବେ ଆଙ୍କର୍ ଭାବେ ଲୋକଙ୍କ ମନକୁ ଛୁଇଁଛନ୍ତି, ତ କେବେ ଅଭିନୟର ଜାଦୁରେ ଦର୍ଶକଙ୍କୁ ହସାଇଛନ୍ତି, କନ୍ଦାଇଛନ୍ତି। ପୁଣି କେବେ ନିର୍ଦ୍ଦେଶନା ଭଳି ଗୁରୁ ଦାୟିତ୍ୱକୁ ବେଶ୍ ସୁଚାରୁରୂପେ ତୁଲାଇଛନ୍ତି। ସେ ହେଉଛନ୍ତି ସମସ୍ତଙ୍କ ପ୍ରିୟ ଅଶ୍ୱିନ ତ୍ରିପାଠୀ। ଏଥର ସେଲିବ୍ରିଟି ସିକ୍ରେଟ୍‌ରେ ଜାଣିବା ଲଭ୍ ଗୁରୁଭାବେ ପରିଚିତ ଅଶ୍ୱିନ ତ୍ରିପାଠୀଙ୍କ ଜୀବନର କିଛି କଥା...**

**ଛୋଟବେଳୁ କଳା ପ୍ରତି ଦୁର୍ବଳତା:** ଜାର୍କା ମୁରାରୀ ପୁରରେ ଆମ ଘର। ପିଲାଦିନେ ଦଶହରା ଓ ଖରାଛୁଟିରେ ଯେତେବେଳେ ମାମୁଘର ଯାଉଥିଲି ସାଙ୍ଗସାଥୀଙ୍କୁ ମେଳି କରି ଗାଁରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରୁଥିଲି। ନାଚ, ଗୀତ, ଅଭିନୟ ପ୍ରତି ପିଲାଟିଦିନରୁ ମୋର ଦୁର୍ବଳତା ଥିଲା। ତା'ଛଡା ମୋ ବାପା ଅକ୍ଷୟ ତ୍ରିପାଠୀ ଜଣେ ସରକାରୀ ଇଞ୍ଜିନିୟର ଥିବା ସହ ତିରୁମାଲା ଫିଲ୍ମରେ ଲାଇନ୍ ପ୍ରଡ୍ୟୁସରଭାବେ କାମ କରୁଥିଲେ। ଅନେକ ଚଳଚ୍ଚିତ୍ର ଓ ସିରିୟଲରେ ବି ସେ ଅଭିନୟ କରିଥିଲେ। ଆଉ ମୋ ଜେଜେମା କହୁଥିଲେ ଜେଜେବାପା ତାଙ୍କ ସମୟରେ ବିଭିନ୍ନ ନାଟକରେ ଝିଅ ଚରିତ୍ରରେ ଅଭିନୟ କରୁଥିଲେ। ଏଇ ଦୁଇଜଣ ମଣିଷ ହିଁ ମୋ କଳାକାର ଜୀବନର ପ୍ରେରଣା ସାଜିଥିଲେ।

**ଆଙ୍କରିଂରୁ ଅଭିନେତା, ପୁଣି ନିର୍ଦ୍ଦେଶକର ଯାତ୍ରା:** ପାଠପଢାରେ ମୁଁ ଭଲ ଥିଲି। ହେଲେ ମନ କଳାଜଗତ ଆଡକୁ ଟାଣି ହେଉଥିଲା। ତେଣୁ ଯୁକ୍ତ ଦୁଇ ପଢିବାବେଳେ ତରଙ୍ଗ ମ୍ୟୁଜିକ୍‌ର ଆଙ୍କରିଂ ଅଡିସନ୍‌ରେ ଭାଗ ନେଲି। ସିଲେକ୍ଟ ବି ହେଇଗଲି। ମୋର ପ୍ରଥମ ପ୍ରୋଗ୍ରାମ ଥିଲା 'ମର୍ନିଂ ଉଇଥ୍ ମ୍ୟୁଜିକ୍'। ସେ ଶୋ'କୁ ଦର୍ଶକ ବହୁତ ପସନ୍ଦ କରିଥିଲେ। ଏହାପରେ ଏମ୍‌ବିସି ଚ୍ୟାନେଲର 'ଅହିସୁଲକ୍ଷଣି' ସିରିୟଲରେ ହିରୋ ଚରିତ୍ରରେ ଅଭିନୟ କରିବାର ସୁଯୋଗ ପାଇଲି। ତା'ସହ ବିଭିନ୍ନ ଚ୍ୟାନେଲରୁ ଆଙ୍କରିଂ ଅଫର୍ ବି ଆସୁଥାଏ। ପ୍ରାୟ ସବୁ ଚ୍ୟାନେଲରେ ମୁଁ କାମ କରିବାର ସୁଯୋଗ ପାଇଲି। ଉଭୟ ଆଙ୍କରିଂ ଓ ଅଭିନୟ ମତେ ଖୁସି ଦେଉଥିଲା ସତ। ହେଲେ ଆଉ କିଛି ବାକି ରହିଗଲା ପରି ଅନୁଭବ ହେଉଥିଲା। କାରଣ ମୋର ଇଚ୍ଛା ଥିଲା ପରଦା ପଛର ମୁଖ୍ୟ ନାୟକ ତଥା ନିର୍ଦ୍ଦେଶକ ସାଜିବା। ସେଥିପାଇଁ ସୁଯୋଗ ଖୋଜୁଥାଏ। ୟା'ମଧ୍ୟରେ ମତେ ଫିଲ୍ମର ଅଫର୍ ଆସିଲା। ହିରୋ ଭୂମିକାରେ ଅଭିନୟ ବି କଲି। କିନ୍ତୁ ଯେଉଁଦିନ ମୁଁ ମୋ ପ୍ରଥମ ଫିଲ୍ମର ପ୍ରିମିୟର ଶୋ' ଦେଖିବାକୁ ଯାଇଥିଲି ସେଦିନ କିନ୍ତୁ ଖୁସି ହେବା ପରିବର୍ତ୍ତେ ଚଳଚ୍ଚିତ୍ରଟି ମତେ ଭଲ ଲାଗି ନ ଥିଲା। କାରଣ ତା'ର ମେକିଂ ମୋ ମନକୁ ଛୁଇଁ ନ ଥିଲା। ସେଥିପାଇଁ ଚଳଚ୍ଚିତ୍ରଟିକୁ ମୁଁ ପୁରା ନ ଦେଖି ଚାଲି ଆସିଥିଲି। ଏହାପରେ ଭାବିଲି ହିରୋ ତ ବହୁତ ଆସିବେ। ହେଲେ ଫିଲ୍ମ ମେକରଙ୍କ ସଂଖ୍ୟା ଆମ ଇଣ୍ଡଷ୍ଟ୍ରିରେ ବହୁତ କମ୍। ତେଣୁ ମନରେ ଥିବା ନିର୍ଦ୍ଦେଶକ ହେବାର ସ୍ୱପ୍ନକୁ ସତ କରିବା ଲାଗି ପଢାପଢି ଆରମ୍ଭ କଲି। କିଛି କ୍ରିଏଟିଭ କରିବାକୁ ଚେଷ୍ଟା କରି ମ୍ୟୁଜିକ ଭିଡିଓ ଓ ବିଜ୍ଞାପନ କଲି। ଏମିତିକି ବମ୍ବେ ଯାଇ ଅନୁପ ସୋନି ଓ ଗୋବିନ୍ଦାଙ୍କ ସହ ବିଜ୍ଞାପନ କରିବାର ସୌଭାଗ୍ୟ ବି ପାଇଲି। କିଛି ଅଭିଜ୍ଞତା ସାଉଁଟିବା ପରେ ଓଡ଼ିଶା ଫେରିଲି। ବିଜ୍ଞାପନରେ ନିର୍ଦ୍ଦେଶନା ଦେବା ଆରମ୍ଭ କଲି। ଭୂମିକା, ଝିଲିକ, ଶିବାନୀ, ତମନ୍ନା ଆଦି ହିରୋଇନ୍‌ଙ୍କ କ୍ୟାରିୟର୍‌ର ପ୍ରଥମ ବିଜ୍ଞାପନ ସେମାନେ ମୋ ସହ ହିଁ କରିଛନ୍ତି। ଏହାପରେ 'ମୁଁ ପରଦେଶୀ ଚଢେଇ' ଓ 'ଷଷ୍ଠରୁ ନଷ୍ଟ' ଚଳଚ୍ଚିତ୍ରରେ ଲାଇନ୍ ପ୍ରଡ୍ୟୁସର୍ ଭାବେ କାମ କରିବା ସହ କେ. ମୁରଲୀକ୍ରିଷ୍ଣାଙ୍କ ନିର୍ଦ୍ଦେଶନାରେ ସାହାଯ୍ୟ କରିବାର ସୁଯୋଗ ପାଇଲି। ପରେ ମତେ ରିୟାଲିଟି ଶୋ'ର ନିର୍ଦ୍ଦେଶନା ଦେବାର ସୁଯୋଗ ମିଳିଲା। ତେବେ ଅର୍ଚ୍ଚିତା ଅଭିନୟ କରିଥିବା ଟେଲି ଫିଲ୍ମ 'ଦୁର୍ଗତି ନାଶିନୀ?' ହେଉଛି ମୁଁ ଏକାକୀ ନିର୍ଦ୍ଦେଶନା ଦେଇଥିବା ପ୍ରଥମ ଟେଲି ଚଳଚ୍ଚିତ୍ର। ପରେ କୁରୁକ୍ଷେତ୍ର, ଡିୟର ଲଭ୍, ଉଦଣ୍ଡୀ ସୀତା ଆଦି ଟେଲି ଫିଲ୍ମର ନିର୍ଦ୍ଦେଶନା ଦେଲି। ଏବେ ପ୍ରଥମ କରି ମୁଁ ଥିଏଟର୍ ଫିଲ୍ମ ନିର୍ଦ୍ଦେଶନା ଦେବାର ସୁଯୋଗ ପାଇଛି, ଚଳଚ୍ଚିତ୍ରଟିର ନାଁ ହେଉଛି 'ଡେଲିଭରୀ ବୟ', ଯାହାର ଟିଜର୍ ଏବେ ରିଲିଜ୍ ହୋଇଛି।



**ଆଙ୍କରିଂ, ଅଭିନୟ ନା ନିର୍ଦ୍ଦେଶନା:** ଆଙ୍କରିଂ ମୁଁ ଖେଳିଲା ଭଳି କରେ। ଅର୍ଥାତ୍ ଆଙ୍କରିଂ କରିବାକୁ ମତେ ବହୁତ ମଜା ଲାଗେ। ନିର୍ଦ୍ଦେଶନା ଏକ ଦାୟିତ୍ୱବାନ କାମ। ଏହାକୁ ମୁଁ ଗୁରୁତ୍ୱର ସହ ନିଏ। ଠିକ ଭାବେ ତୁଲାଇବାକୁ ଚେଷ୍ଟା କରେ। ଆଉ ଅଭିନୟକୁ ମୁଁ ଏନ୍‌ଜୟ କରେ।

**ପ୍ୟାସନ୍ ପାଇଁ ଚାକିରି ଛାଡିଛି :** ଯୁକ୍ତ ଦୁଇ ପରେ ମୁଁ ଇଲେକ୍ଟ୍ରିକାଲ ଆଣ୍ଡ ଇଲେକ୍ଟ୍ରୋନିକ୍ସରେ ବିଟେକ୍ ଓ ଏହାପରେ ଏମ୍‌ବିଏ କରିଥିଲି। ଭଲ ବେତନ ଥିବା ଏକ ଚାକିରିର ଅଫର୍ ବି ପାଇଥିଲି। କିନ୍ତୁ ମୁଁ ସେ ମେଲ୍‌ର ରିପ୍ଲାଏ ଦେଇ ନ ଥିଲି କି ଘରେ ଏ ବିଷୟରେ ଜଣେଇ ନ ଥିଲି। ମୁଁ ମୋ ପ୍ୟାଶନକୁ ଗୁରୁତ୍ୱ ଦେଇଥିଲି। ଯେଉଁଥିପାଇଁ ଆଜି ମୋର ଅବସୋସ୍ ବି ନାହିଁ। କାରଣ ଚାକିରି କରିଥିଲେ ବୋଧ ହୁଏ ଆଜି ମୁଁ ଯେଉଁ ସ୍ଥାନରେ ପହଞ୍ଚିଛି ତାହା ସମ୍ଭବ ହୋଇପାରି ନ ଥାନ୍ତା।

**ଫ୍ୟାନ୍ ମୋମେଣ୍ଟ:** ଥରେ ଏକ ଶୋ'କୁ ୱାଇଣ୍ଡ ଅପ୍ କଲାବେଳେ ସୁନ୍ଦରୀ ଝିଅଟିଏ ଦୌଡି ଆସି ମୋ ଗାଲରେ କିସ୍ କରି ଚାଲିଯାଇଥିଲେ। ସେଦିନ ବହୁତ ଲାଜ ଲାଗିଥିଲା।

**ଲକ୍ଷ୍ୟ:** ଭଲ ସିନେମା କରି ଓଡିଆ ଚଳଚ୍ଚିତ୍ରକୁ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚେଇବାର ଲକ୍ଷ୍ୟ ମୋର ଅଛି।

## ବନ୍ଧୁତା, ପ୍ରେମ ଓ ବିବାହ

ପ୍ରେରଣା କୁହନ୍ତି, ''ଆମର ପ୍ରଥମ ଦେଖା ଫ୍ରେଣ୍ଡଶିପ୍ ଡେ'ର ଏକ ସ୍ପେଶାଲ ଶୋ'ରେ ହେଇଥିଲା। ତା'ପରେ ବନ୍ଧୁତା ହେଲା। ଅନେକ ସମୟ ଆମେ ମିଶିକି କାମ କରୁଥିଲୁ। ତେଣୁ ଧୀରେ ଧୀରେ ଉଭୟଙ୍କ ମନରେ କିଛି ଫିଲିଂ ଡେଭଲପ୍ ହେଇଥିଲା। କାଳେ ମନର କଥା ଜଣା ପଡିଲେ ଫ୍ରେଣ୍ଡଶିପ୍ ଭାଙ୍ଗିଯିବ ଭାବି ଆଗଉ ନ ଥିଲୁ। ଯେତେବେଳେ ଯାହା ହେବାକଥା ହେବ ଛାଡି ଦେଇ ବନ୍ଧୁତାରେ ସୀମିତ ରହିଥିଲୁ।' ଅଶ୍ୱିନ କୁହନ୍ତି, 'ଦୀର୍ଘବର୍ଷର ଫ୍ରେଣ୍ଡଶିପ୍ ପରେ ଧୀରେ ଧୀରେ ମତେ ଲାଗିଲା ପ୍ରେରଣା ମୋ ଘର ଚଳେଇ ପାରିବେ। ମାନେ ସେ ଜଣେ ଘରୋଇ ଝିଅ ଥିଲେ, ଯାହା ମତେ ଭଲ ଲାଗିଥିଲା। ଦୁଇ ହୃଦୟରେ ଯେବେ ପରସ୍ପର ପ୍ରତି ଭଲ ପାଇବା ଥାଏ ତେବେ ତାକୁ ପରିପ୍ରକାଶ ନ କଲେ ବି ଦୁହେଁ ଆପଣା ଛାଏଁ ଅନୁଭବ କରିପାରନ୍ତି। ଠିକ ସେଇୟା ହେଇଥିଲା ଆମ କ୍ଷେତ୍ରରେ। ଆମେ କେବେ 'ଆଇ ଲଭ୍ ୟୁ' କହି ପ୍ରପୋଜ କରିନୁ କି କିଛି ପ୍ରେମ ଉପହାର ବି ଦେଇନୁ। କିନ୍ତୁ ଜାଣିପାରିଥିଲୁ ଯେ ଆମେ ଦୁହେଁ ଦୁହିଁଙ୍କୁ ଭଲ ପାଉ ବୋଲି। ଆଉ ନିଷ୍ପତ୍ତି ନେଲୁ ବାହା ହେବୁ। ଦୁହେଁ ଘରେ ଜଣେଇଲୁ। ଆଉ ସମସ୍ତଙ୍କ ସହମତି ପାଇବା ପରେ ବିବାହ କଲୁ।'

**ଦେଇନୁ ଉପହାର:** ଅଶ୍ୱିନ କୁହନ୍ତି,'ନା ବାହାଘର ପୂର୍ବରୁ, ନା ବାହାଘର ପରେ ଆମେ ଦୁହେଁ କେହି କାହାକୁ ଗିଫ୍ଟ ଦେଇନୁ। ପ୍ରେରଣା ଏଥିପାଇଁ କେବେ ଅଭିମାନ କରି ନାହାନ୍ତି। ସେ ବହୁତ ଅଣ୍ଡରଷ୍ଟାଣ୍ଡିଙ୍ଗ ଓ ଆଡଜେଷ୍ଟିଭ୍। କେବେ କିଛି ଦାବି ବି କରନ୍ତି ନାହିଁ। ସେ ବହୁତ କୁଲ୍। ପ୍ରେରଣା ଅନେକ ଥର ଗିଫ୍ଟ ଦେବେ ବୋଲି ଭାବିଛନ୍ତି ହେଲେ ମୁଁ ତାଙ୍କୁ ଭୁଲେଇ ଦେଇଛି। (ଅଶ୍ୱିନ ହସି ହସି)କାରଣ ସେ ଯଦି ଗିଫ୍ଟ ଦେବେ ମତେ ପୁଣି ରିଟର୍ନ ଗିଫ୍ଟ ଦେବାକୁ ପଡିବ। ସେଥିପାଇଁ ଯେବେ ମୁଁ ଦେବି ତା'ପରେ ଯାଇ ତାଙ୍କୁ କହିବି ମତେ ଗିଫ୍ଟ ଦେବାକୁ। ଆଉ ପ୍ରେରଣା କୁହନ୍ତି, 'ଅଶ୍ୱିନଙ୍କ ସହ ବାହା ହେଲି ସେଇଟା ହେଉଛି ମୋ ପାଇଁ ବଡ଼ ଉପହାର।

**ଆମ ପାଇଁ ସବୁଦିନ ପ୍ରେମର ଦିନ:** ଆମେ ଦୁହେଁ ଆମ ସଂସ୍କୃତିକୁ ସମ୍ମାନ ଦେଉ। ଶୋ'ବାଜି ନୁହେଁ, ବାସ୍ତବିକତାକୁ ପସନ୍ଦ କରୁନା। ଆମେ ଭାବୁ ମନରେ ଭଲ ପାଇବା ଥିଲେ ସବୁ ଦିନ ପ୍ରେମର ଦିନ ହୋଇପାରିବ।



–ଶିବାନୀ ମହାନ୍ତି

# ପ୍ରେମ ଓ ପରିପୂର୍ଣ୍ଣତା
# ସୁଶାନ୍ତ – ଦୀପ୍ତିମିତା



ପ୍ରେମର ପରିଭାଷା ପରିପୂର୍ଣ୍ଣତାରେ ଉକୁଟେ । ପ୍ରେମ ପାଇଁ ଚେଷ୍ଟା ସଫଳ ଅଥବା ବିଫଳ ହୋଇପାରେ କିନ୍ତୁ ପ୍ରେମ କେବେ ଅସଫଳ ହୁଏନି । ପ୍ରେମ ମାନେ ହିଁ ସାର୍ଥକତା ଓ ସଫଳତା । ପ୍ରେମରେ ମଣିଷ ପଡ଼େନି ବରଂ ପ୍ରେମ ତିଆରି ହୋଇଯାଏ ଆପଣାଛାଏଁ ଆବେଗରେ । ଗଢିହୁଏ ମଣିଷ ନୂଆ କରି ନୂଆ ପ୍ରକ୍ରିୟାରେ ପ୍ରେମର ସେହି ଅନନ୍ୟ ଅନୁଭବରେ । ଏମିତି କିଛି ମିଠା ମିଠା ପୂରିଲା ଭାବ ସ୍ୱତଃ ତିଆରି ହୋଇଯାଏ ଆଜିର ଏହି ଦମ୍ପତିଙ୍କୁ ଦେଖିଲେ । ପରିବାରରୁ ସୋସିଆଲ ମିଡିଆ ପର୍ଯ୍ୟନ୍ତ ସମସ୍ତଙ୍କ ଆଖିରେ ଲୋକପ୍ରିୟ ଯୋଡ଼ି ଭାବରେ ପରିଚିତ ସାହିତ୍ୟ ଓ ସମାଜ ସଙ୍ଗଠକ ସୁଶାନ୍ତ ଦାଶ ଏବଂ ସୁଲେଖିକା, ସଙ୍ଗଠିକା ଦୀପ୍ତିମିତା ମହାପାତ୍ର । ଏହି ପ୍ରେମ କାହାଣୀ ଆରମ୍ଭ ହୁଏ ପାରିବାରିକ ପରିଚୟର ଆଦ୍ୟ ପର୍ଯ୍ୟାୟରେ । ସୁଶାନ୍ତଙ୍କ ବଡ଼ ଭାଇଙ୍କ ବିବାହ ପ୍ରସ୍ତାବ ଯାଏ ଦୀପ୍ତିମିତାଙ୍କ ବଡ଼ ଭଉଣୀଙ୍କ ପାଇଁ, ଭଞ୍ଜନଗରରେ ଓଡିଶା ପ୍ରଶାସନିକ ଅଧିକାରୀ ଭାବରେ କାମ କରୁଥିବା ତାଙ୍କ ବାପା ରଜନୀକାନ୍ତ ମହାପାତ୍ରଙ୍କ ପାଖକୁ । ଓଡ଼ିଶାର ଜଣେ ଦକ୍ଷ ଅଧିକାରୀ ହିସାବରେ ଖ୍ୟାତିସମ୍ପନ୍ନ ରଜନୀକାନ୍ତ ମହାପାତ୍ରଙ୍କ ତିନି କନ୍ୟା ଭିତରେ ଦୀପ୍ତିମିତାଙ୍କ ସୌନ୍ଦର୍ଯ୍ୟ ଏବଂ ବ୍ୟକ୍ତିତ୍ୱ ମୁଗ୍ଧ କରିଥିଲା ସୁଶାନ୍ତଙ୍କୁ ପ୍ରଥମ ସାକ୍ଷାତରେ । ପାରିବାରିକ ଶୃଙ୍ଖଳା ଏବଂ ପରମ୍ପରାରେ ଗଢି ହୋଇଥିବା ଦୀପ୍ତିମିତାଙ୍କ ପାଖରେ ହୁଏତ ସୁଶାନ୍ତଙ୍କ ମନର ଖବର ପହଞ୍ଚିବ ପହଞ୍ଚିବ ହୋଇ ପହଞ୍ଚି ପାରିନଥିଲା । ଖବର ପହଁଚିବାର ମାର୍ଗ ପରିଷ୍କାର ହେଲା ସେତେବେଳେ ଯେତେବେଳେ ଦୀପ୍ତିମିତାଙ୍କ ବଡ଼ ଭଉଣୀ ବଡ଼ବୋହୂ ହୋଇ ସୁଶାନ୍ତଙ୍କ ପରିବାରକୁ ଗଲେ । ଭଞ୍ଜନଗରର ସାବିତ୍ରୀ ମହାବିଦ୍ୟାଳୟରେ ପଢୁଥିବା ଦୀପ୍ତିମିତାଙ୍କୁ ପାରିବାରିକ କଥାବାର୍ତ୍ତା ପ୍ରସଙ୍ଗରେ ଖୁବ୍ ସନ୍ତର୍ପଣରେ ନିଜ ମନ କଥାକୁ ଖୋଲି କହିଥିଲେ କବି ସୁଶାନ୍ତ ଦାଶ । ଦୀପ୍ତିମିତାଙ୍କୁ ଜୀବନସାଥୀ କରିବାର ଇଚ୍ଛାଟି ସୁଶାନ୍ତଙ୍କୁ ଯେତିକି ବ୍ୟସ୍ତ କରୁଥିଲା ତହିଁରୁ କାହିଁ କେତେଗୁଣା ଦୀପ୍ତିମିତାଙ୍କ ପରିବାରର ରକ୍ଷଣଶୀଳ ମନୋଭାବ ସେତିକି ପ୍ରତିବନ୍ଧକ ସାଜି ଠିଆ ହୋଇଥିଲା । କୁହାଯାଏ ଅନେକ 'ନାହିଁ'ର ଚାପ ଗୋଟେ ଦୃଢ଼ 'ହଁ' କୁ ଟାଣିଆଣିବାର ସାମର୍ଥ୍ୟ ରଖେ । ଆଜିକା ଭଳି ମୋବାଇଲର ବ୍ୟବହାର ନଥିଲା ସେତେବେଳେ । ଥିଲା ଲାଣ୍ଡ ଲାଇନ ନମ୍ବର । ସେତିକିବେଳକୁ ଏକ ପ୍ରତିଷ୍ଠିତ ମେଡ଼ିସିନ କମ୍ପାନୀରେ ପଦସ୍ଥ ଅଧିକାରୀ ଭାବରେ କାମ କରୁଥିବା ସୁଶାନ୍ତ ବାବୁ କବି ହିସାବରେ ସୁପରିଚିତ ଓ ଲୋକପ୍ରିୟ ହୋଇସାରିଥିଲେ । ତାଙ୍କର କବିତା ସଂକଳନ 'କିଛି ଅନ୍ୱେଷା', 'ରୋମରୁ ମୋନାଲିଆ', 'ଈଶ୍ୱରଙ୍କ ସହ କାଳିଝିଅ' ପହଞ୍ଚିସାରିଥିଲା ଦୀପ୍ତିମିତାଙ୍କ ପାଖରେ ତାଙ୍କ ବଡ଼ ଭଉଣୀଙ୍କ ମାଧ୍ୟମରେ । ସୁଶାନ୍ତଙ୍କୁ ପଢିବାକୁ ଯାଇ କବିତାକୁ କୌତୂହଳରେ ପଢିବସନ୍ତି ଦୀପ୍ତିମିତା ଏବଂ ଛନ୍ଦି ହୋଇଯାଆନ୍ତି କାବ୍ୟିକ ଶବ୍ଦମାନଙ୍କ ଇନ୍ଦ୍ରଜାଲରେ । ମୁକୁଳିତ ହୁଏ ପାରିବାରିକ ଅନୁଶାସନର ଶୃଙ୍ଖଳ । କବିତା ପଢୁ ପଢୁ କବିତାର ନାୟିକା ଭାବରେ ନିଜକୁ ପାଇ ଅନ୍ୟମନସ୍କ ଓ ମୁଗ୍ଧ ହୁଅନ୍ତି ଦୀପ୍ତିମିତା ଭିତରେ ଭିତରେ । ହେଲେ ମୁହଁ ଖୋଲି କହିପାରନ୍ତିନି ଲଜ୍ଜା ଓ ସଙ୍କୋଚରେ । ତେବେ'ସୁଶାନ୍ତଙ୍କ କେଉଁ ବିଭାବ ଆପଣଙ୍କୁ ଆକର୍ଷିତ କଲା ପ୍ରଶ୍ନରେ ଅଳ୍ପ ହସ ହସି କିଶୋରୀସୁଲଭ ଲାଜରେ ଦୀପ୍ତିମିତା କୁହନ୍ତି , 'ତାଙ୍କର ଯତ୍ନ ଏବଂ କାବ୍ୟିକ ବ୍ୟକ୍ତିତ୍ୱ ତାଙ୍କୁ ପ୍ରଭାବିତ କରିଥିଲା ନିଷ୍ପତ୍ତି ନେବା ସମୟରେ । ଲାଣ୍ଡଲାଇନରେ କଥା ଚାଲେ କିନ୍ତୁ ଅନେକାଂଶ କଥା ଉଦ୍ଦିଷ୍ଟ ଥାଏ ଦୀପ୍ତିମିତା ତାଙ୍କ ପ୍ରତି ଥିବା ଯତ୍ନ ଓ ସମ୍ପୃକ୍ତିକୁ ନେଇ । ଏଣୁତେଣୁ କଥା ଚାଲେ । ଉଭୟଙ୍କ ଅଜାଣତରେ ସଂଳାପର ଦୀର୍ଘତା ବଢେ କିନ୍ତୁ ଆଜିକା ସମୟ ଭଳି ଫିଲ୍ମୀ ହୋଇ ପାରୁ ନ ଥାଏ ଘଟଣା । କଥା ସରେ ପୁଣି ଥରେ କଥା ହେବାପାଇଁ ଅଦମ୍ୟ ଇଚ୍ଛାରେ । ଗୋଟିଏ ପରିବାରକୁ ଦୁଇ ଝିଅ ଦୁଇ ଯାଆ ହୋଇ ଯାଆନ୍ତୁ ଏବଂ ଚଳନ୍ତୁ ବୋଲି ଆଦୌ ଇଚ୍ଛାପ୍ରକାଶ କରୁନଥିଲେ ଦୀପ୍ତିମିତାଙ୍କ ମାଆ । ମାଆଙ୍କ ମତକୁ ସମର୍ଥନ କରୁଥିଲେ ସାରା ପରିବାର । ହେଲେ ବିବାହ ଦୁଇଟି ମନର ନୁହେଁ ଦୁଇଟି ପରିବାରର ବୋଲି ବିଶ୍ୱାସ ରଖିଥିବା ସୁଶାନ୍ତ ମନେଇ ନେଇଥିଲେ ନିଜ ପରିବାରକୁ ଆପଣା ନିଷ୍ଠା ଓ ଭଲପାଇବାରେ । ଅଣ୍ଟା ଭିଡ଼ିଲେ ସୁଶାନ୍ତଙ୍କ ବଡ଼ ଭାଇ ସୁରେନ୍ଦ୍ର ଓ ଭାଉଜ । ଶେଷରେ ବୁଝିଲେ ଦୀପ୍ତିମିତାଙ୍କ ପରିବାର । ପାରିବାରିକ କଥାବାର୍ତ୍ତାରୁ ଯେଉଁ ନିଷ୍କର୍ଷ ଉତ୍ତୁରିଲା ତହିଁରେ ବୁଝିଗଲେ ଘରର ମୁରବୀଏ ଯେ ସୁଶାନ୍ତଙ୍କ ଭଳି ତାଙ୍କ ସୁକୁମାରୀ କନ୍ୟାର ଦାୟିତ୍ୱ ଏବଂ ଯତ୍ନ କେହି ହିଁ ନେଇପାରିବେ ନାହିଁ କୌଣସି ପ୍ରକାରେ । ତା'ପରେ ମାତ୍ର ଗୋଟିଏ ବର୍ଷର ଅବଧିରେ ହିଁ ଏହି ପ୍ରେମ କାହାଣୀ ବିବାହର ରୂପ ନେଲା । ଦୀପ୍ତିମିତା କୁହନ୍ତି, ଅନୁଶାସନର ନିଗଡରେ ବାନ୍ଧି ହୋଇରହିଥିବା ଗୋଟିଏ ଝିଅର ମନକୁ ଯଥେଷ୍ଟ ସ୍ୱାଧୀନତା ଓ ସ୍ୱଚ୍ଛନ୍ଦତା ଯୋଗେଇ ଦେଇଛନ୍ତି ସୁଶାନ୍ତ । ତାଙ୍କୁ ଗୋଟେ ରାଜକୁମାରୀର ଅନୁଭବ ଦେଇଆସିଛନ୍ତି ସବୁବେଳେ । ବିବାହର କୋଡ଼ିଏ ବର୍ଷ ପରେ ବି ଭଲପାଇବାର ସେହି ନୂଆପଣ ଓ ରୋମାଞ୍ଚ ବଞ୍ଚେଇ ରଖିଛନ୍ତି ।





ଏହାସହ ଗଂଜାମ ଜିଲ୍ଲା ପୁସ୍ତକ ମେଳା, ବ୍ରହ୍ମପୁର ସାହିତ୍ୟ ପରିଷଦ, ଓଡିଶା ସାହିତ୍ୟ ବିକାଶ ପ୍ରତିଷ୍ଠାନ ଭଳି ସାଂଗଠନିକ ଦାୟିତ୍ୱ ନେଇଥିବା ସୁଶାନ୍ତ 'ସୌରଭ' , 'ବେଳାଭୂମି' , 'ସାହିତ୍ୟ ଚର୍ଚ୍ଚା', 'ବୈତରଣୀ' ଭଳି ରାଜ୍ୟସ୍ତରୀୟ ସାହିତ୍ୟ ଓ ଆଧ୍ୟାତ୍ମିକ ପତ୍ରିକାର କାର୍ଯ୍ୟ କରନ୍ତି ନିଜର ବ୍ୟକ୍ତିଗତ ବ୍ୟବସାୟକୁ ପରିଚାଳନା କରୁଥିବା ସମୟରେ । ସୁଶାନ୍ତ କୁହନ୍ତି ଦୀପ୍ତିମିତା ତାଙ୍କ ଜୀବନକୁ ଆସିଲା ପରେ ଗୁଡାଏ ଆନୁଷ୍ଠାନିକ ଏବଂ ସାଙ୍ଗଠନିକ ଦାୟିତ୍ୱ ବାଣ୍ଟି ନେଇଛନ୍ତି ସେ । ଅଧିକରୁ ଅଧିକ ବ୍ୟବସ୍ଥିତ ହୋଇଛି ତାଙ୍କ କାର୍ଯ୍ୟ ଏବଂ ପ୍ରଚାର ଓ ପ୍ରସାର ଲାଭ କରିଛି ତାଙ୍କ କାର୍ଯ୍ୟର ପରିସର । ସୁଶାନ୍ତଙ୍କ ପ୍ରେରଣାରେ କବିତା , ଗପ ଲେଖିଛନ୍ତି ଦୀପ୍ତିମିତା ଏବଂ ସଫଳ ହୋଇଛନ୍ତି । 'ନିଜ ଭଲ ପାଇବା ଓ ସୁଖମୟ ଦାମ୍ପତ୍ୟର ମୂଳଦୁଆକୁ ନେଇ ଉଭୟେ କୁହନ୍ତି, 'ପାରସ୍ପରିକ ସମ୍ମାନବୋଧରେ ଜୀବନ ପାଏ ପ୍ରେମ । ପ୍ରେମରେ ବିବାହ ହେଉଛି ଯଦି ତାହା ପୂଜା ହୋଇ ଚିରକାଳ ଉଭୟଙ୍କ ଭିତରେ ଥାଉ । ମହକିତ କରୁ ଆଖପାଖର ସମ୍ପର୍କକୁ ।'






***–ମାନମୟୀ ରଥ, ସେଣ୍ଟ ଜାଭିୟର୍ସ କିଣ୍ଡ୍ସ, ବାଲିପୁଟ, ପୁରୀ***
***ମୋ: ୭୯୭୮୫୭୯୩୯୯***







## ଦିଗ୍‌ବଳୟ

**-ଇଂ. ଅଶୋକ କୁମାର ପଟ୍ଟନାୟକ**

ମେଘ ଖଣ୍ଡେ କିଆଁ ହେଲିନି ଯେ ମୁଁ
ଭାସି ଯାଇଥାନ୍ତି ମୋ ସହରରୁ
ତୁମ ସହରକୁ ... ।
ଇନ୍ଦ୍ରଧନୁର ସାତରଙ୍ଗର
ରଙ୍ଗେଇ ଦେଇଥାନ୍ତି ତୋ ମନ
ଆକାଶର
ସଫେଦ ଫର୍ଦ୍ଦକୁ ।

ପବନଟେ ଯେ, ହେଲିନି ମୁଁ କିଆଁ
ବହି ଯାଇଥାନ୍ତି ମୋ ସହରରୁ
ମୋ ପ୍ରିୟା ସହରକୁ
ପ୍ରେମର ମହକେ ଭରିଦେଇଥାନ୍ତି
ତୋ ଖିଆଲି ମନର କୋମଳ ସ୍ୱପ୍ନକୁ ।

*-ଏମ୍ ଆଇ - ୨୬୩, କଳିଙ୍ଗ ବିହାର*
*ଛେଣ୍ଡ ,ରାଉରକେଲା, ସୁନ୍ଦରଗଡ଼*
*ମୋ - ୭୦୦୮୨୫୫୫୦୯,*
*୯୦୯୦୦୯୯୫୪୩*

## ଚିଠି

**-ଶ୍ରୀଗୋବିନ୍ଦ**

ଆଜି ଅଫିସ୍ ଆସିବାବେଳକୁ ମୋ ସ୍ତ୍ରୀ ମୋତେ ଗେହ୍ଲେଇ ହୋଇ କହିଲା-ଦେଖିଲ, ମୁଁ ଆଜି ସୁନ୍ଦର ଲାଗୁନି!! ଇଚ୍ଛା ନ ଥିଲେ ବି କହିବାକୁ ପଡ଼ିଥିଲା-ବାଃ, କି ସୁନ୍ଦର ଲାଗୁଛ। ଆଉ ଟିକେ ଖୁସିହୋଇ କହିଲା-ତମକୁ ମୁଁ ଆଜିକାଲି ଆଉ ବିଉଟିପାର୍ଲର ନେବାକୁ ବାଧ କରୁଛି? ମୁଁ ଏବେ ଘରୋଇ ଉପାୟରେ ଫେସିଆଲ ପ୍ୟାକ୍ ସହ ବିଉଟି ଟ୍ରିଟ୍‌ମେଣ୍ଟ ମଧ୍ୟ କରୁଛି। ଏହାଦ୍ୱାରା ମୋର ଯାହା ହେଉ ବରଂ ତମର ଖର୍ଚ୍ଚ ହେଉଥିବା ପଇସା ବଞ୍ଚେଇ ଦେଉଛି। ମୋ ସ୍ତ୍ରୀର ଏହି ମହାନତାକୁ ବି ମିଛରେ ତାରିଫ୍ କରିବାକୁ ପଡ଼ିଲା। ହଁ, ତମ ଭଳି ସ୍ତ୍ରୀ କେତେ ଜନ୍ମର ତପବଳରୁ ମିଳେ। ମୁଁ କ'ଣ ତମକୁ ନିନ୍ଦି ପାରିବି। ଏତିକି କହି ଘରୁ ବାହାରି ଆସୁ ଆସୁ ହାତକୁ କାଗଜ ଖଣ୍ଡେ ବଢ଼ାଇଦେଇ କହିଲା- ଅଫିସରୁ ଫେରିବା ବେଳକୁ ଏଥିରେ ଯାହା ଲେଖାଯାଇଛି, ନେଇଆସିବ। ଅଫିସର କାର୍ଯ୍ୟବ୍ୟସ୍ତତା କାରଣରୁ ଦେଖିପାରି ନ ଥିଲି ଦେଇଥିବା ଚିଠାରେ ସେ କ'ଣ ଲେଖିଛି। ସେ କାଗଜ ଖଣ୍ଡକ ଖୋଲି ଦେଖିଲି, ସେହି ଲମ୍ବା ତାଲିକାରେ ଗ୍ଲିସେରିନ୍, କଞ୍ଚାହଳଦୀ, ଗୋଲାପ ଜଳ, ଆଲୋଭେରା, ଟି-ବ୍ୟାଗ୍ ଆଦି କେତେ କ'ଣ ଲେଖା ଯାଇଛି। ମୁଁ ପ୍ରଥମେ ବୁଝିପାରିଲିନି ଏସବୁ ଗୋଟିଏ ଜାଗାରେ କେଉଁଠି ମିଳିବ। କିଛି ବାଛ ବିଚାର ନ କରି ଏକ ନମ୍ବର ମାର୍କେଟ ଆଡ଼େ ମୁହାଁଇଲି। ଏକ ଦୋକାନରେ ଗୋଟେ ଯୋଡ଼େ ଜିନିଷ ମିଳିଗଲା ସିନା କିନ୍ତୁ ଆଉ କିଛି ମିଳିଲା ନାହିଁ। ମୁଁ ଦୋକାନୀକୁ ଏସବୁ କେଉଁଠୁ ମିଳିବ ବୋଲି ପ୍ରଶ୍ନ ପଚାରିବା ପରେ ସେ କାକଶାସ୍ତ୍ର ଜାଣିଲା ପରି କହିଲା-ଏସବୁ ମାଡାମ୍‌ଙ୍କ ଫେସିଆଲ୍ ପ୍ୟାକ୍ ପାଇଁ ଖୋଜୁଛନ୍ତି ବୋଧେ। ଆପଣ ସବୁ ଯାକ ଜିନିଷ କେବେ ବି ଗୋଟିଏ ଜାଗାରେ ଗୋଟିଏ ଦିନରେ ପାଇବେନି। ବିଭିନ୍ନ ଆଡୁ ଖୋଜି ସଂଗ୍ରହ କରିବାକୁ ପଡ଼ିବ। କିନ୍ତୁ ସାର୍, ଗୋଟେ କଥା କହିବି, ଖରାପ ଭାବିବେନି? ମୁଁ କହିଲି-ଖରାପ ଭାବିବାର କ'ଣ ଅଛି କୁହନ୍ତୁ। ଦୋକାନୀଟି କହିଲା- ମାଡାମଙ୍କ ମୁଣ୍ଡରେ ଏସବୁ ଭୂତ ପଶେଇଛି କିଏ? ସେ ଯେଉଁ ଲିଷ୍ଟ ଧରେଇଛନ୍ତି, ଏହାକୁ ଖୋଜି ଖୋଜି ଆପଣ ପାଗଳ ହୋଇଯିବେ। ଆପଣ ମାଡାମଙ୍କୁ ବୁଝେଇ ସୁଝେଇ ବରଂ ଦାମୀ ବ୍ରାଣ୍ଡର କିଛି ବିଉଟି କ୍ରିମ୍ କିଣେଇ ଦିଅନ୍ତୁ, ନ ହେଲେ ପ୍ରତି ସପ୍ତାହରେ ଏମିତି ଟେନ୍‌ସନ ନେବାକୁ ପଡ଼ିବ। ଏତିକିରେ କ'ଣ କଥା ସରିବ। ମିଳିଲା ତ ଭଲ ନ ମିଳିଲେ ଘରେ ବି ମହାଭାରତ ହୋଇଯିବ। ମୁଁ ମନେ ମନେ ଭାବିଲି, ଦୋକାନୀ ଯାହା କହୁଛି ମିଛ କହୁନାହିଁ। କହିବି କାହାକୁ ଏ ଭୂତ ମୁଁ ତ ପଶେଇଛି। ଯେଉଁ ଖବରକାଗଜରୁ ଏ ଟିପ୍ସ ସବୁ ପଢ଼ି ମୋ ସ୍ତ୍ରୀ ଘରୋଇ ରୂପଚର୍ଯ୍ୟା ପାଇଁ ମୋ ହାତରେ ଏହି ଲିଷ୍ଟ ଧରେଇ ଦେଇଛନ୍ତି, ସେହି ଖବରକାଗଜରେ ପରା ମୁଁ ଏଭଳି ମନଗଢ଼ା ରୂପଚର୍ଯ୍ୟାର ଟିପ୍ସ ଲେଖେ। ମନେ ମନେ ମୋତେ ଯେତିକି ହସ ଲାଗୁଥିଲା, ସେତିକି ଦୁଃଖ ତଥା ଦୋଷୀ ବି ଲାଗୁଥିଲା। ମୁଁ ସିନା ଚାକିରି କରିଛି ବୋଲି ମୋ ଦାୟିତ୍ୱ ଅନୁସାରେ ମନଗଢ଼ା ବିଉଟି ଟିପ୍ସ ଲେଖିଦେଉଛି, କିନ୍ତୁ ମୋ ଭଳି ମୁଁ ଆଉ କେତେ ହତଭାଗ୍ୟ ସ୍ୱାମୀମାନଙ୍କୁ ହଇରାଣ ନ କରୁଛି ସତରେ!!

*-ସାନମଚ୍ଛୁଆଘାଇ, ରାଜଘରପୋଖରୀ*
*ଭଦ୍ରକ, ମୋ-୭୦୦୮୯୧୩୫୮୯*

## ଚୁମା

**- ସବ୍ୟସାଚୀ ବିଷୋୟୀ**

ଏଇ ଚାହିଁଦେଲ ଯେ
ମୋ ସର୍ବାଙ୍ଗ ଚମକି ଉଠିଲା

ତୁମେ ଚୁମାଟେ ଦେଲ
ମୋ ଅହଂକାର ଆହୁରି ଦୃଢ଼ିଭୂତ
ହେଲା
ଜାଣିନି ମୁଁ ମଉଳି ଯାଏ
କିମ୍ବା ପଲ୍ଲବୀତ ହୁଏ
ତୁମ ଦେହଛୁଆଁ ପବନ ସ୍ୱର୍ଶ କଲେ
ମୁଁ ମହକି ଯାଏ

ତୁମେ ଚୁମାଟେ ଦେଲ
ଅଧିକାର ନାହିଁ ମୋର ସିନ୍ଦୂରରେ
କେବଳ ଶୀତଳ ଚନ୍ଦନ ହୋଇ ରୁହ
ମୋ କପାଳରେ
ତୁମେ ମୋ ଶେଜରେ ଅଭିଷିକ୍ତ ଗନ୍ଧର୍ବ
ନୁହଁ
ହଁ ତୁମେ ମୋ ଈଶ୍ୱର
ଆଉ ମୁଁ ତୁମ ପୂଜାରିଣୀ ।

ଓଠ ଗାଲକୁ ସ୍ୱର୍ଶ କରୁ
ଅବା ଓଠ ଓଠକୁ ସ୍ୱର୍ଶ କରୁ
ମୁକ୍ତି ତ କେବଳ ତୁମ ଚୁମାରେ।

ପ୍ରେମରେ ନିର୍ବାଣ ହିଁ ଲୋଡ଼ା
ଆଉ ବାକି ସବୁ ତ ସଉକ ମାତ୍ର ।

*-କଣ୍ଟାମାଳ, ନବରଙ୍ଗପୁର*
*ମୋ - ୯୩୪୮୩୩୮୬୭୬*



# ହ୍ରିତିକ ହିଁ ବେଷ୍ଟ

ଦୀପିକା ପାଦୁକୋନ୍ ଏବେ ହ୍ରିତିକ ରୋଶନଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି। ଏହା ପଛରେ ତ ନିଶ୍ଚୟ କିଛି କାରଣ ଥିବ। କଥା କ'ଣ କି ନିର୍ମାଣାଧୀନ ହିନ୍ଦୀ ସିନେମା 'ଫାଇଟର୍'ରେ ସେ ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି। ଏଥିରେ ହ୍ରିତିକଙ୍କ ଭୂମିକା ନେଇ ଅନେକ ଆଲୋଚନା ଶୁଣିବା ପରେ ଶେଷରେ ମୁହଁ ଖୋଲିଛନ୍ତି ଦୀପିକା। ଏ ସମ୍ପର୍କରେ ସେ କହନ୍ତି, 'ଫାଇଟର୍'ରେ ହ୍ରିତିକଙ୍କୁ କାଷ୍ଟିଂରେ ନିଆଯାଇଛି। ହେଲେ କେତେକ ଏ ନେଇ ପ୍ରଶ୍ନ ଉଠାଇଛନ୍ତି। ମୋ ମତରେ ସେହି ରୋଲ୍ ପାଇଁ ହ୍ରିତିକ ହିଁ ବେଷ୍ଟ। ଯେତେବେଳେ ମୁଁ ଏହାର କାହାଣୀ ଶୁଣିଥିଲି ସେତେବେଳେ ମନେ ମନେ ଭାବିଥିଲି ଯେ, ଏହାର କାଷ୍ଟିଂରେ ହ୍ରିତିକ ରହିଲେ ଫିଲ୍ମଟି ନିଶ୍ଚୟ ଦର୍ଶକଙ୍କୁ ପ୍ରଭାବିତ କରିବ। ପରେ ଜାଣିଲି ଯେ ମୋ ଅନୁମାନ ଠିକ୍ ଥିଲା। ଏଥିରେ ହ୍ରିତିକଙ୍କ ଅପୋଜିଟ୍‌ରେ ମୋତେ ସାଇନ୍ କରାଯାଇଛି। ସତ କଥା କହିବାକୁ ଗଲେ ସେ ଜଣେ ଅଲରାଉଣ୍ଡର। ଯେ କୌଣସି ରୋଲ୍‌କୁ ନେଇ ଆଣି ଥୋଇବାରେ ତାଙ୍କର ଦକ୍ଷତା ରହିଛି। ତେଣୁ ତାଙ୍କ ଉପରେ ପ୍ରଶ୍ନବାଚୀ ଲଗାଇବାର କୌଣସି କାରଣ ନାହିଁ ବୋଲି ମୁଁ ଭାବୁଛି।' ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ସିଦ୍ଧାର୍ଥ ଆନନ୍ଦ। ଏଥିରେ ହ୍ରିତିକ-ଦୀପିକାଙ୍କ ବ୍ୟତୀତ ଆକାଶ ଓବେରୟ ଏବଂ ସାରା ଅଲ୍ଲୀ ଖାଁଙ୍କୁ ମଧ୍ୟ ଦେଖିବାକୁ ମିଳିବ।

# ଭଲ ସମୟକୁ ଅପେକ୍ଷା

ଚିଙ୍କି ତନୟା ଅନନ୍ୟା ପାଣ୍ଡେ ଏବେ ଭଲ ସମୟକୁ ଅପେକ୍ଷା କରିଛନ୍ତି। କେତୋଟି ସିନେମା ବକ୍ସ ଅଫିସରେ ଫ୍ଲପ୍ ହେବା ପରେ ତାଙ୍କର ଟେନସନ୍ ବଢ଼ିଯାଇଛି। ଏପରି କି ସିନେମାଟିଏ ସାଇନ୍ କରିବା ପୂର୍ବରୁ ତାଙ୍କର ମନ ଶଙ୍କା ଆଶଙ୍କାରେ ବୁଡି ଯାଉଛି। ଏ ନେଇ ଅନନ୍ୟା କହନ୍ତି, 'ଲାଇଗର ଭଳି ଫିଲ୍ମ ଫ୍ଲପ୍ ହେବା ପରେ କିଛି ଦିନ ମୁଁ ଭାଙ୍ଗି ପଡିଥିଲି। ହେଲେ ପରେ ନିଜ ମନକୁ ବୁଝାଇଥିଲି। ଆକ୍ଟିଂ ଲାଇନ୍‌ରେ କେତେବେଳେ ଭଲ ସମୟ ଆସେ ତ ପୁଣି କେବେ ଖରାପ ସମୟ ଦେଇ ଗତି କରିବାକୁ ପଡିଥାଏ। ଏହି ସମୟରେ ଧୈର୍ଯ୍ୟର ଆବଶ୍ୟକତା ରହିଛି। ମୁଁ ଯେତେବେଳେ କୌଣସି ସମସ୍ୟାରେ ପଡେ ସେତେବେଳେ ମୋ ପାପା ମୋତେ ଅନେକ ଟିପ୍ସ ଦେଇଥାଆନ୍ତି। ଆଶା ରଖିଛି ମୋ କ୍ୟାରିୟରରେ ଭଲ ଦିନ ନିଶ୍ଚୟ ଆସିବ।' ବର୍ତ୍ତମାନ ଅନନ୍ୟା ବିକ୍ରମ ମୋଟୱାନିଙ୍କର ଏକ ସାଇବର ଥ୍ରୀଲର ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି।


ଦୀପିକା


ଅନନ୍ୟା

# ସ୍ପାଏ ଥ୍ରୀଲର୍‌ରେ ସାମନ୍ଥା

ଖୁବ୍ ଶୀଘ୍ର ତାମିଲ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କୁ ଏକ ସ୍ପାଏ ଥ୍ରୀଲର୍ ସିରିଜ୍‌ରେ ଦେଖିବାକୁ ମିଳିବ। ଖାସ୍ କଥା ହେଲା, ଏହି ସିରିଜ୍‌ରେ ତାଙ୍କ ସହ ବରୁଣ ଧାୱନ ଅଭିନୟ କରିବେ। ଉକ୍ତ ସିରିଜ୍‌ର ନିର୍ଦ୍ଦେଶନା ଦେବେ ରାଜ-ଦୀପକ ଯୋଡି। ଏହାପୂର୍ବରୁ ଏହି ଯୋଡି ନିର୍ଦ୍ଦେଶିତ 'ଦ ଫ୍ୟାମିଲି ମ୍ୟାନ୍ ୨'ରେ ସାମନ୍ଥା ଅଭିନୟ କରିଥିଲେ। ନୂଆ ସିରିଜ୍‌ରେ ନିଜର ଏକ ଫଟୋକୁ ସାମନ୍ଥା ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଏ ନେଇ ସେ କହନ୍ତି, 'ଏହି ନିର୍ଦ୍ଦେଶକଦ୍ୱୟଙ୍କ ସହ ପୂର୍ବରୁ ମୁଁ ଏକ ସିରିଜ୍‌ରେ ଅଭିନୟ କରିସାରିଛି। ସେମାନେ ମୋତେ ପୁଣି ଥରେ ରିପିଟ୍ କରୁଛନ୍ତି। ନୂଆ ସିରିଜ୍‌ଟି ଏକ ସ୍ପାଏ ଥ୍ରୀଲର୍। ଏଥିରେ ରହସ୍ୟ ରୋମାଞ୍ଚ ଭରି ରହିଛି। ଏହି ସିରିଜ୍‌ରେ ବରୁଣ ମୋ ସହ ଅଭିନୟ କରିବେ। ପୂର୍ବ ସିରିଜ୍ ପରି ଏହି ସିରିଜକୁ ମଧ୍ୟ ଦର୍ଶକ ପସନ୍ଦ କରିବେ ବୋଲି ଆଶା ରଖିଛି।'

ସାମନ୍ଥା


# ଟିଶାନ୍ ଟାଇଟଲ୍

ସାଧାରଣତଃ ସିନେମାଟିଏ ନିର୍ମାଣ କରିବା ପୂର୍ବରୁ ଏହାର ଟାଇଟଲ୍ ଫାଇନାଲ ହୋଇଥାଏ। ତାହା ପୁଣି କିପରି ଆକର୍ଷଣୀୟ ହେବ ସେ ନେଇ ବେଶ୍ ବିଚାରବିମର୍ଷ ଚାଲେ। ହେଲେ ଏବେ ଟାଇଟଲ୍‌କୁ ନେଇ କେବଳ ଏହାର ଅଭିନେତା ଭିକି କୌଶଲ ନୁହଁନ୍ତି ପ୍ରଯୋଜକ ଆନନ୍ଦ ତିୱାରୀ ମଧ୍ୟ ଟେନସନ୍‌ରେ। ସେପଟେ ଫିଲ୍ମଟିର ଶୁଟିଂ ଶେଷ ହୋଇ ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି, ହେଲେ ଟାଇଟଲ୍ କ'ଣ ଦିଆଯିବ ତାହା ଫାଇନାଲ୍ ହୋଇପାରୁନାହିଁ। ଆଉ ଏକ କଥା-ଏହାର ରିଲିଜ ଡେଟ୍ ପ୍ରଥମେ ଚଳିତ ବର୍ଷ ଜୁଲାଇ ୨୮ ବୋଲି ସ୍ଥିର ହୋଇଥିଲା। ହେଲେ ଏହାକୁ ପରବର୍ତ୍ତନ କରାଯାଇ ଅଗଷ୍ଟ ୨୮ ରଖାଯାଇଛି। ଏ ନେଇ ଭିକି କହନ୍ତି, 'ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି। ଶୁଟିଂ ଆରମ୍ଭ ପୂର୍ବରୁ ଏହାର ଟାଇଟଲ୍ କିଛି ଫାଇନାଲ୍ ହୋଇ ନ ଥିଲା। ହେଲେ ପରବର୍ତ୍ତୀ ସମୟରେ କେତୋଟି ଟାଇଟଲ୍ ଉପରେ ବିଚାର କରାଯାଇଥିଲେ ମଧ୍ୟ ପ୍ରଯୋଜକ ସେଥିରେ ରାଜି ହୋଇ ନ ଥିଲେ। ଏବେ ଏହି ଫିଲ୍ମ ପାଇଁ ଏକ ଉପଯୁକ୍ତ ଟାଇଟଲ୍ ଖୋଜା ଚାଲିଛି। ସେପଟେ ଏହାର ରିଲିଜ୍ ଡେଟ୍‌କୁ ପୁଣି ଥରେ ପରିବର୍ତ୍ତନ କରାଯାଇ ଅଗଷ୍ଟ ୨୮ କରାଯାଇଛି। ମୋର ବିଶ୍ୱାସ ଏହି ଫିଲ୍ମ ପାଇଁ ଏକ ଭଲ ଟାଇଟଲ୍ ନିଶ୍ଚୟ ମିଳିଯିବ।' ଏଥିରେ ଭିକିଙ୍କ ବ୍ୟତୀତ ଆମ୍ମି ଭିର୍କ ଏବଂ ତ୍ରିପ୍ତି ଡିମ୍ରି ମଧ୍ୟ ଅଭିନୟ କରିଛନ୍ତି।

ଭିକି


# ସାହସୀ କ୍ରିତି

କ୍ରିତି ସାନନ୍‌ଙ୍କ ସାହସକୁ ନେଇ ଏବେ ବଲିଉଡ୍‌ରେ ଆଲୋଚନା। ନିକଟରେ ଶୁଟିଂ ସେଟ୍‌ରେ ସେ ମନୋବଳକୁ ଦମ୍ଭ କରି ଏକ ଆକ୍ସନ ଶଟ୍ ଦେଇଥିଲେ। ଯଦିଓ ଏ ନେଇ ସେ ପୂର୍ବରୁ ପ୍ରସ୍ତୁତ ହୋଇଥିଲେ, ହେଲେ କ୍ୟାମେରା ସାମନା କରିବା ସମୟରେ ନର୍ଭସ ହୋଇ ପଡିଥିଲେ। ଏହା ଦେଖି ଫିଲ୍ମଟିର ନିର୍ଦ୍ଦେଶକ ବିକାଶ ବହଲ ତାଙ୍କୁ କିଛି ସମୟ ବିଶ୍ରାମ ନେବାକୁ ପରାମର୍ଶ ଦେଇଥିଲେ। ସେହି ସମୟ ଭିତରେ ଏହାର ଆକ୍ସନ ଡାଇରେକ୍ଟର କ୍ରିତିଙ୍କ ମନରେ ଥିବା ଭୟକୁ ଦୂର କରିବାରେ ସମର୍ଥ ହୋଇଥିଲେ। ଆଉ ପରେ ସେ ସାହସର ସହ ଶଟ୍‌ଟି ଦେଇଥିଲେ। ହଁ, ଏଭଳି ଘଟଣା ଘଟିଥିଲା ପ୍ରସ୍ତୁତ ହେଉଥିବା ହିନ୍ଦୀ ସିନେମା 'ଗଣପଥ'ର ଶୁଟିଂ ସେଟ୍‌ରେ। ଏଥିରେ କ୍ରିତି ଏକ ବାଇକ୍ ଚଢ଼ି ଫାଇଟ୍ କରୁଥିବାର ଶଟ୍ ନିଆଯିବାର ଥିଲା। ପ୍ରଥମେ ନର୍ଭସ ହୋଇପଡିଥିବା କ୍ରିତି ପରବର୍ତ୍ତୀ ସମୟରେ ମନକୁ ଦୃଢ଼ କରି ଏଭଳି ଶଟ୍ ଦେଲେ ଯେ ତାହା ଏକାଥରେ ଓକେ ହୋଇଥିଲା। ବାସୁ ଭଗନାନି, ଜ୍ୟାକି ଭଗନାନି, ବିକାଶ ବହଲ ଏବଂ ଦୀପଶିଖା ଦେଶମୁଖଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମରେ ଟାଇଗର ଶ୍ରଫ ନାୟକ ସାଜିଛନ୍ତି। ମିଳିବ।


କ୍ରିତି

ମୁସ୍କାନ୍-ଦୀପକ


# ଦୀପକ ଯାହା ଭାବୁଥିଲେ..

ବେଳେବେଳେ ମଣିଷ ଯାହା ଭାବେ ତାହା ହାତ ପାଆନ୍ତାରେ ମିଳିଯାଏ । ଦେଖୁନାହାନ୍ତି, ଯେଉଁଭଳି ଏକ ଭିନ୍ନ ଧରଣର ଭୂମିକାରେ ସେ ଅବତୀର୍ଣ୍ଣ ହେବାକୁ ଚାହୁଁଥିଲେ ସେଇ ଆଶା ତାଙ୍କର କେମିତି ପୂରଣ ହୋଇଛି। ସେ ଅଭିନେତା ଜଣକ କିଏ ଜାଣିବେନି ? ହଁ, ସେ ହେଲେ ଓଲିଉଡ୍‌ର ଅନ୍ୟତମ ରୋମାଣ୍ଟିକ ନାୟକ ଦୀପକ। ଆଉ ସିନେମାଟି ହେଲା 'ଆଇନା କେବେ ମିଛ କହେନା'। ଏହି ଫିଲ୍ମରେ ନିଜ ରୋଲ୍ ବିଷୟରେ ଦୀପକ କୁହନ୍ତି, 'ଏଥିରେ ମୁଁ ସାନଭାଇ ଭୂମିକାରେ ଅଭିନୟ କରିଛି। ଏହି ଫିଲ୍ମର କାହାଣୀରେ ଦର୍ଶକ ଲଭ୍, ଇମୋଶନ, କମେଡିର ମଜା ନେଇପାରିବେ। ଏହାର ଉପସ୍ଥାପନା ଏଭଳି କରାଯାଇଛି, ଯାହାଦ୍ୱାରା ଫିଲ୍ମଟି ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରହିଛି।' ଉକ୍ତ ସିନେମାର କାହାଣୀରେ ପ୍ରେମକୁ ଏକ ଭିନ୍ନ ଢ଼ଙ୍ଗରେ ଉପସ୍ଥାପନା କରାଯାଇଛି। ବିଶେଷ ଭାବରେ ଦର୍ଶକ ଏଥିରେ ଦୁଇ ଭାଇଙ୍କ ଭିତରେ ଥିବା ଅନାବିଳ ସ୍ନେହ ଦେଖିବାକୁ ପାଇବେ। ଏହାର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଆଶିଷ ସିହ୍ନା। ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ଶ୍ରୀତମ ଦାସ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର। ଏହାର ମୁଖ୍ୟ ଭୂମିକାରେ ଦୀପକ ଅଭିନୟ କରିଥିବା ବେଳେ ତାଙ୍କର ନାୟିକା ସାଜିଛନ୍ତି ନବାଗତା ମୁସ୍କାନ। ଏମାନଙ୍କ ବ୍ୟତୀତ ଶ୍ରୀତମ ଦାସ, ହରିହର ମହାପାତ୍ର ଏବଂ ସୁକାନ୍ତ ରଥ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

ପ୍ରଥମ ରୋଜଗାର

# ପ୍ରଥମ ରୋଜଗାର ଥିଲା ୮୦୦ ଟଙ୍କା



ଲେଖିକା ନିବେଦିତା ନନ୍ଦ ତାଙ୍କ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି..

ପାଠପଢ଼ା ମଝିରୁ ମୋ ବାହାଘର । ନୂଆ ଏକ ଜୀବନର ଆରମ୍ଭ । ନିଜ ରୋଜଗାର ବୋଲି ଆଉ କ'ଣ ଥା'ନ୍ତା ! ସମସ୍ତେ କାମ କରେଇ ନିଅନ୍ତି । ମୂଲ୍ୟ ବା ପ୍ରାପ୍ୟ ଦେବାକଥା କେହି ଚିନ୍ତା କରି ନ ଥାନ୍ତି କି ମୁଁ ଆଶା ବି କରେନି । ଏବେ ତ ଅନେକ ରୋଜଗାର ହେଉଛି ନିଜର ବୋଲି ବ୍ୟବସାୟଟିଏ ଥିବାରୁ । ତେବେ ପରିଶ୍ରମ କରି ନିଜ ହାତରେ ପ୍ରଥମ କରି ତାର ପ୍ରାପ୍ୟ ଧରିବା ର ଅନୁଭୂତି ସତରେ ଅନନ୍ୟ । ୨୦୦୧ ମସିହାର କଥା । ଗର୍ଭବତୀ ଥିବାରୁ ମୋତେ ସାରା ରାତି ନିଦ ହେଉନଥାଏ ।ସବୁଦିନ ରାତିରେ ଖାଲି ଘରସାରା ଏପଟ ସେପଟ ଚାଲିବା ମୋ ନିତିଦିନିଆ ଅଭ୍ୟାସ ପାଲଟି ଯାଇଥାଏ । ଭୀଷଣ ବୋର୍ ଲାଗୁଥାଏ । ଲାଗୁଥାଏ କିଛି କାମ ଥାନ୍ତା କି କରି ପକାନ୍ତି । ଏଇ କଥା ମୋ ସହ ସାନ୍ଧ୍ୟ ଭ୍ରମଣରେ ଯାଉଥିବା ଜଣେ ପଡ଼ୋଶୀନି ଙ୍କୁ କହିଥିଲି । ଅବିଳମ୍ବେ ସେ ଜଣେ ବ୍ୟକ୍ତି ଙ୍କୁ ଧରି ହାଜର ହୋଇଗଲେ, ଯିଏ କି ଆର୍ ଟି ଓ ଅଫିସରେ କିଛି କାମ କରୁଥିଲେ । ସେ ଗୋଟିଏ ମୋଟା ବନ୍ଧେଇ ବାଲା ଖାତା ଆଉ କିଛି ପାସପୋର୍ଟ ସାଇଜର ଫଟୋ ଏବଂ ସୂଚନା ଲେଖାଯାଇଥିବା ଡାଏରୀ ଟିଏ ମୋତେ ଦେଲେ । କହିଲେ ଫଟୋ ଗୁଡିକୁ ବନ୍ଧେଇବାଲା ଖାତାରେ କ୍ରମାନ୍ୱୟରେ ଅଠା ମାରି ଲଗାଯିବ ଏବଂ ସିଧାରେ ତତ୍ସଂଲଗ୍ନ ସୂଚନାଟି ନିର୍ଭୁଲ ଭାବରେ ସୁନ୍ଦର ଏବଂ ପରିଷ୍କାର ଭାବରେ ଲେଖାଯିବ । ସେ ସନ୍ଧ୍ୟାରେ ଡାଏରୀଟି ଦେଇଯିବେ ଏବଂ ସକାଳେ ଖାତା ନେଇଯିବେ । ମୁଁ ଚଟାପଟ ରାଜି ହୋଇଗଲି । ତାପରଦିନ ସେ ଖାତା ନେବାକୁ ଆସିଲେ ଆଉ କାମ ଦେଖି ଖୁସି ହୋଇଗଲେ । ଏମିତି ପ୍ରାୟ ପନ୍ଦର କୋଡ଼ିଏ ଦିନ ଚାଲିଲା । କିନ୍ତୁ ସେ ବ୍ୟକ୍ତି କିମ୍ବା ପଡ଼ୋଶୀନି ପଇସା କଥା କିଛି କହୁନଥାନ୍ତି । କେବେ କେବେ ଖୁବ ଅଧିକ ଫଟୋକୁ ଅଠା ମାରି ପୁଣି ଲେଖିବା ବେଳକୁ ମୁଁ ହାଲିଆ ହୋଇପଡ଼େ । ସେ ମୋଟା ବନ୍ଧେଇ ଖାତାକୁ ମୁଁ ମଜାରେ ମାଦଳାପାଞ୍ଜି ବୋଲି କୁହେ । କଲେଜରେ ପିଲା ବେଳେ ମାନୁଦିଦି ବି କୁଆଡୁ କେତେ ଲେଖା ଧରି ଆସନ୍ତି ଆଉ ତାକୁ ଅନ୍ୟ ଖାତାକୁ ଉତାରି ବାକୁ ଦିଅନ୍ତି ମୋତେ । ମୁଁ ବିନା ଆପତ୍ତିରେ କରିଦିଏ । କ୍ଲାସ ନଥିଲା ବେଳେ ଲେଖୁଥିବା ଦେଖି ମୋ ଅନର୍ସମେଟ୍ ସାଙ୍ଗମାନେ ମୋତେ ଚିଡ଼ାନ୍ତି ଯେ ମାନମୟୀ ରଥ ଯାକୁ ଭାଲୁ ଲାଙ୍ଗୁଡ଼ ଧରେଇ ଦେଇ ଯାଇଛି । ଏତେ ବର୍ଷ ପରେ ପୁନଶ୍ଚ ସେଇ ପରିସ୍ଥିତିରେ ପଡ଼ି ମୁଁ ମନେ ମନେ ଭାବୁଥାଏ ଯେ ସେତେବେଳେ ତ ମଜା ଥିଲା କିନ୍ତୁ ଏବେ ମୁଁ ସତରେ ଭାଲୁ ଲାଙ୍ଗୁଡ଼ ଧରିନି ତ...!! ଯାହା ବି ହେଉ ମାସଟିଏ କରି ମନା କରିଦେବି ଭାବି କିଛି କହୁ ନଥାଏ । ଠିକ ମାସେ ପୂରିଲା ଆଉ ତାପରଦିନ ସନ୍ଧ୍ୟାରେ ସେ ବ୍ୟକ୍ତି ଖାତା ଆଣି ଆସିଲେ ମୁଁ ମନେ ମନେ ନା କରିବାକୁ ପ୍ରସ୍ତୁତ ହୋଇ ସାରିଥିଲି । କିଛି କହିବା ପୂର୍ବରୁ ହିଁ ସେ ମୋତେ କହିଲେ ଆପଣ ମୋତେ ବହୁତ ବଡ଼ ସାହାଯ୍ୟ କରୁଛନ୍ତି ମୁଁ ତା'ର ମୂଲ୍ୟ ହୁଏତ ଦେଇ ପାରିବିନି । କିଛିଟା ପ୍ରାପ୍ୟ ଡାଏରୀ ଭିତରେ ଅଛି ଦେଖିନେବେ । ମୁଁ ଖୁସିରେ ଘରକୁ ଆସି ଗଣିଲା ବେଳକୁ ଆଠଶହ ଟଙ୍କା ଥିଲା । ଏହା ଥିଲା ମୋ ପ୍ରଥମ ରୋଜଗାର ।

ସେହି ପଇସା ସେତେବେଳେ ଖୁବ କାମରେ ଆସିଥିଲା । ଶହେ ତିରିଶ ଟଙ୍କା ଝିଅର ସ୍କୁଲ ଫିସ ଆଉ ଦୁଇଶହ ଟଙ୍କା ଡାକ୍ତରଙ୍କ ଫିସ୍ ଦେବାପାଇଁ ଦୂରରେ ରହୁଥିବା ସ୍ୱାମୀ ଙ୍କ ଆସିବାକୁ ଅପେକ୍ଷା ନକରିଥିଲି ଆଉ । ବାକି ପାଞ୍ଚଶହ ଟଙ୍କା ପୁଅ ଜନ୍ମ ପରେ ତା'ର ଖାଦ୍ୟ କିଣା କାମରେ ଲାଗିଥିଲା । ସତରେ ଏହି ପ୍ରଥମ ରୋଜଗାରର ପୁଲକ ବିରଳ ଏବଂ ଅନନ୍ୟ ଯାହାକୁ ମୁଁ ଆଜିଯାଏ ଭୁଲି ପାରିନି ।

ସାଥୀ

# ଚୋରା ଚାହାଣୀରେ କରେ ଇସାରା, ଚତୁରୀ ସୁନ୍ଦରୀ ନ ଦିଏ ଧରା



**ପ୍ରଶ୍ନ**–ଜଣେ ଝିଅ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ଅମିତ ରାଉତ, କଟକ*

**ଉତ୍ତର:** ସେ ସୁନ୍ଦରୀ ଯଦି ଆପଣଙ୍କୁ ଚାହୁଁଛି ତେବେ ସେହି ଚାହାଣୀରେ ଅନେକ କଥା ରହିଛି । ତାକୁ ଭାବିଲେ ତ ମୁଣ୍ଡ ଘୁରାଇ ଦେବ, ହେଲେ ଥଣ୍ଡା ମିଜାଜ୍‌ରେ ଚିନ୍ତା କଲେ ସେହି ଚାହାଣୀରେ ପ୍ରେମର ଅସଲ ମଞ୍ଜି ପୋତି ହୋଇ ରହିଛି ନା ନାଇଁ ଜାଣିପାରିବେ । ବାସ୍, ସେହି ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ । ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ନିଶ୍ଚୟ ଲୁଚି ରହିଥିବ ।

**ପ୍ରଶ୍ନ**– ତା'ର ଲାଜୁଆ ହସରେ ପ୍ରେମ ଭରି ରହିଛି । ହେଲେ ସେ କ'ଣ ମୋତେ ପ୍ରେମ କରୁଛି ?

*–ସୁମନ ବହିଦାର, ରେଢ଼ାଖୋଲ*

**ଉତ୍ତର:**ଏକତରଫା ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, ହେଲେ ତାକୁ ନେଇ ଆଶାର ମୀନାର ତୋଳିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ । ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି । ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ । ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ । ଯଦି ନିଶାନା ଠିକ୍ ଲାଗିଗଲା, ତେବେ ଜାଣି ନିଅନ୍ତୁ ଯେ, ଆପଣଙ୍କର ପ୍ରେମ ମିଶନ ସକସେସ୍ ହୋଇଗଲା ।

**ପ୍ରଶ୍ନ**–ମୁଁ ଜଣେ ଝିଅକୁ ଭଲ ପାଉଛି । ହେଲେ ସେ ମୋତେ ଭଲ ପାଉଛି କି ନାହିଁ କେମିତି ଜାଣିବି ?

*–ତନ୍ମୟ କୁମାର, କେନ୍ଦ୍ରାପଡା*

**ଉତ୍ତର:**ପ୍ରେମର ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି । ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର । ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ । ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ । ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ । ନ ହେଲେ ସେହି ପ୍ରେମରେ କେତେବେଳେ ଦ ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ ।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି । ମତେ ଲାଗୁଛି ସେ ମୋତେ କିଛି କହିବାକୁ ଚାହୁଁଛି । ହେଲେ କହୁନି କାହିଁକି ?

*–ଆଶୁତୋଷ, ଖୋର୍ଦ୍ଧା*

**ଉତ୍ତର:**ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି । ଏହାର ଉତ୍ତର ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ । ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା । ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ?

*–ବିଜୟ ନାୟକ, ଅନୁଗୋଳ*

**ଉତ୍ତର:**ବେଳେବେଳେ ସେହି ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ । କେତେକେ ତାହାକୁ ସିରିୟସଲି ନିଅନ୍ତି । ଆଉ ତାକୁ ନେଗେଟିଭ୍‌ଲି ନିଅନ୍ତି । ତେବେ ପ୍ରେମର ଆରମ୍ଭରେ ପ୍ରେମିକାର ଏଇ ନଖରାମିକୁ ଟିକେ ହାଲ୍‌କା ଭାବରେ ନିଅନ୍ତୁ । ତାହାର ସେହି ନଖରାମି ପଛର କାରଣକୁ ନ ଖୋଜି ସେଇଠୁ ହିଁ ପ୍ରେମର ସୂତ୍ର ଖୋଜନ୍ତୁ ।

# ଯାତ୍ରା ଯୋଡ଼ି


ବୈକୁଣ୍ଠ–ବାସନ୍ତୀ

**ଯାତ୍ରାଜଗତରେ ଏମାନେ ବେଶ୍ ପରିଚିତ। ତାଙ୍କ ଅଭିନୟ ଯେମିତି ଦର୍ଶକଙ୍କ ମନ କିଣି ନେଇଛି, ତାଙ୍କ ପ୍ରେମ କାହାଣୀକୁ ନେଇ ସେମାନେ ସେମିତି ଚର୍ଚ୍ଚାରେ ରହିଛନ୍ତି। ତାଙ୍କରି କଥା ତାଙ୍କରି ମୁହଁରେ...**

**ସୋନା– କେଦାର:** ଓଡ଼ିଆ ଯାତ୍ରାଜଗତରେ ଯେଉଁ କେତେଜଣ ନୂଆ ନାୟିକା ଅଭିନୟ ଦୁନିଆରେ ପାଦ ଥାପିଛନ୍ତି ସେମାନଙ୍କ ମଧ୍ୟରେ ସୋନାଲି ପାତ୍ର ଓରଫ ସୋନା ଅନ୍ୟତମ। ଖୁବ୍ କମ୍ ଦିନ ମଧ୍ୟରେ ସେ ଜଣେ ଭଲ ଅଭିନେତ୍ରୀ ଭାବେ ଯାତ୍ରାରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ତେବେ ସୋନା ତାଙ୍କର ପ୍ରେମ ଓ ବିବାହକୁ ନେଇ କୁହନ୍ତି, 'ମୋର ମନେପଡୁଛି ୨୦୧୭ ମସିହାରେ ଏକ ପାରିବାରିକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଯାଇଥିଲି। ସେଠାରେ କେଦାର ଯାଦବଙ୍କ ସହ ଦେଖାହୋଇଥିଲା। ସେଇଠୁ ହିଁ ପ୍ରେମ ଆରମ୍ଭ ହୋଇଥିଲା କହିଲେ ଚଳେ। ସେତେବେଳେ ଏକ ଘରୋଇ ବ୍ୟାଙ୍କରେ କର୍ମଚାରୀଭାବେ କାର୍ଯ୍ୟ କରୁଥିଲି। ତା' ପରେ ୨୦୧୯ରେ ବିବାହ ହେଲା। ମାତ୍ର ଯାତ୍ରା ପ୍ରତି ଦୁର୍ବଳତା ଥିବାରୁ ତାଙ୍କ ସହଯୋଗରେ ଅଭିନୟ ଦୁନିଆରେ ପାଦଦେଲି। ପ୍ରଥମେ ଯାତ୍ରା 'ମାୟାନଗରୀ'ରେ ନିଜର କ୍ୟାରିୟର ଆରମ୍ଭ କରିଥିଲି ଜଣେ ମଞ୍ଚଉପସ୍ଥାପିକା ଭାବରେ। କଳାରେ ଦର୍ଶକଙ୍କୁ ବାନ୍ଧି ରଖିବା ଯୋଗୁ ଲୋକପ୍ରିୟତା ଅର୍ଜନ କରିଥିଲି। ଏବେ 'ପାର୍ବତୀ'ରେ ନାୟିକାଭାବେ ଅଭିନୟ କରୁଛି। କଥାଦିଅ ମୋତେ କରିବନି ପର, ଦେଲେ ଧରା କଥା ସରେ, ନିଜେ ନିଜର ରାମାୟଣ, ଧନପାଖେ ମନ ବନ୍ଧା ପଡ଼ିଛି ଆଦି ଏକାଧିକ ନାଟକରେ ଅଭିନୟ କରିସାରିଲିଣି। ସେହିପରି ସୋନାଙ୍କ ସ୍ୱାମୀ ତଥା ଯାତ୍ରା ଜଗତର ଅନ୍ୟତମ ଉପସ୍ଥାପକ ଓ ହାସ୍ୟ ଅଭିନେତା କେଦାର ଯାଦବ (କେ.କେ) କୁହନ୍ତି, ୨୦୦୪ରେ ଯାତ୍ରାକୁ ଆସିଛି। ଗାଁରେ ମା' ମଙ୍ଗଳା ଯୁବପରିଷଦ ଦ୍ୱାରା ଡ୍ରାମା ହେଲେ ସେଥିରେ ଅଭିନୟ କରୁଥିଲି। ସେବେଠାରୁ ଯାତ୍ରାଜଗତ ପ୍ରତି ନିଶା ଘାରିଥିଲା। ପ୍ରଥମେ ତାରପୁର ଅପେରାରେ ଯୋଗ ଦେଇଥିଲି। ଏକ ପାରିବାରିକ ଉତ୍ସବରେ ପ୍ରଥମେ ସୋନାଙ୍କ ସହିତ ଦେଖା ହୋଇଥିଲା। ସେଠାରେ ତାଙ୍କୁ ମୁଁ ପସନ୍ଦ କରିଥିଲି। ତା' ପରେ ଆମର ବିବାହ ହୋଇଥିଲା। ପରସ୍ପର ହସଖୁସିରେ ଚଳୁଛୁ। ଯାତ୍ରାରେ ମୁଁ ଜଣେ ହାସ୍ୟ ଅଭିନେତା ଓ ମଞ୍ଚ ଉପସ୍ଥାପକ । ବେଶ୍ୟାପାଲୁଛି ସାବିତ୍ରୀବ୍ରତ ନାଟକରେ ମୋ ହାସ୍ୟ ଅଭିନୟଟି ଖୁବ୍ ଲୋକପ୍ରିୟତା ହାସଲ କରିଥିଲା। ଏମିତିରେ ଯାତ୍ରାରେ ପ୍ରାୟ ୧୭ବର୍ଷ ବିତିସାରିଲାଣି। ସୋନା ନାୟିକା ଭୂମିକାରେ ଅଭିନୟ କରୁଛନ୍ତି। ଏବେ ପାର୍ବତୀରେ ଆମେ ରହିଛୁ।


ସୋନା–କେଦାର

**ବୈକୁଣ୍ଠ–ବାସନ୍ତୀ:** ଯାତ୍ରା ଜଗତର ଅନ୍ୟତମ ବରିଷ୍ଠ ଚରିତ୍ର ଅଭିନେତା ବୈକୁଣ୍ଠ ବାରେକ୍ ଯିଏ କି ବିକ୍ରମ କେଶରୀ ଜଗଦ୍ଦେବ ଭାବେ ପରିଚିତ ଏବଂ ବାସନ୍ତୀ ବାରେକ୍ ସାବି ଭାଉଜ ଭାବେ ପରିଚିତ। ଏହି ସଫଳ ଯୋଡ଼ିଙ୍କର ଯାତ୍ରା ଜଗତରେ ହିଁ ପ୍ରେମ ସୃଷ୍ଟି ହୋଇଥିଲା। ଏମିତିରେ ଉଭୟେ ପରସ୍ପରକୁ ଭଲପାଇବସିଲେ। ଆଉ ତା'ପରେ ବିବାହ ହେଲା। ତାଙ୍କ ପାଇଁ ବିଭିନ୍ନ ସମୟରେ ଅନେକ ବାଧାବିଘ୍ନ ଆସିଥିଲେ ବି ସେମାନେ ଅଟକି ଯାଇ ନାହାନ୍ତି। ସବୁ ଈଶ୍ୱରଙ୍କ ଇଚ୍ଛାରେ ହୁଏ ବୋଲି ଗ୍ରହଣ କରି ନେଇଛନ୍ତି। ଏ ସମ୍ପର୍କରେ ବୈକୁଣ୍ଠ କୁହନ୍ତି, ପିଲାଟିବେଳୁ ସ୍କୁଲରେ ଡ୍ରାମା କରୁଥିଲି। ମୋର ଯାହା ମନେପଡୁଛି ପ୍ରାୟ୧୯୮୦ ମସିହାରୁ ପ୍ରଥମେ ହରପାର୍ବତୀ ଅପେରାରେ ଯୋଗ ଦେଇଥିଲି। ସମୟକ୍ରମେ ଶିବାନୀରେ ରହିଲି। ସେତେବେଳେ ବାସନ୍ତୀ ଏହି ପାର୍ଟିରେ ଅଭିନୟ କରୁଥିଲେ। ପରସ୍ପର ପ୍ରତି ଭଲପାଇବା ସୃଷ୍ଟି ହେଲା। ତେବେ ଯାତ୍ରାରେ ପ୍ରାୟ ୪୨ବର୍ଷ ମଧ୍ୟରେ ଏଯାଏ ଶତାଧିକ ନାଟକରେ ଅଭିନୟ କରିସାରିଲିଣି। ପ୍ରଥମେ କେତୋଟି ବହିରେ ଖଳନାୟକ ଭୂମିକାରେ ଅଭିନୟ କରିଥିଲି କିନ୍ତୁ ଗୁରୁଭାଇମାନେ ମୋ ଅଭିନୟ ଦେଖିଲା ପରେ ମୋତେ କହିଲେ ଭାଇ ଏହି ଚରିତ୍ର ବ୍ୟତୀତ ଅନ୍ୟକିଛି ଚରିତ୍ର କରିହେବନି ? ତାଙ୍କର କଥାରେ ସେବେଠାରୁ କେବଳ ଚରିତ୍ର ଅଭିନୟକୁ ଆପଣେଇଛି। ସମୟକ୍ରମେ ତୁଳସୀ, ଶିବାନୀ, ତ୍ରିରଙ୍ଗା, କଳିଙ୍ଗ, ପାର୍ବତୀ, ଧଉଳି ଆଦି ଅପେରାରେ ଯାତ୍ରା ଜୀବନ ବିତାଇଛି। ଅଭିନୟ କରିଥିବା ବହିଗୁଡ଼ିକ ମଧ୍ୟରେ ମୋ ପେଁକାଳି ବଜେଇ ଦେ, ବାଜୁନି ମୁରଲୀ ନାଚୁଛି ରାଧା, ବଉଳଲୋ ମୋର ବର ଆସୁଛି, ବାଜେ ଝିଅକୁ ବାହାହେବି, ନିଜେ ପୋଛି ଦେଲି ନିଜ ସିନ୍ଦୂର, କାନିରେ ପଡ଼ିଛି ଗଣ୍ଠି ଆଦି ରହିଛି। ବିଶେଷକରି ମୋତେ ଯାତ୍ରା ଦୁନିଆରେ ବିକ୍ରମକେଶରୀ ଜଗଦ୍ଦେବ ଭାବେ ସମସ୍ତେ ଜାଣନ୍ତି। କାରଣ ଶିବାନୀ ଗଣନାଟ୍ୟର 'ମୋ ପେଁକାଳି ବଜେଇ ଦେ' ମୋତେ ପରିଚୟ ଦେଇଥିଲା। ସେହିପରି ବାସନ୍ତୀ କୁହନ୍ତି, ସ୍କୁଲ ଡ୍ରାମାରେ ଅଭିନୟ କରୁଥିଲି। ଜଳନ୍ଧର ବଧରେ ବୃନ୍ଦାବତୀ ଭୂମିକାରେ ଅଭିନୟ କରିଛି। କିନ୍ତୁ ପରିବାରର ଆର୍ଥିକ ସ୍ଥିତି ସେତେ ଭଲ ନ ଥିଲା। ମାତ୍ର ମୋ ମନରେ ଅଭିନୟ ପ୍ରତି ଦୁର୍ବଳତା ଥିଲା। ସମୟ କ୍ରମେ ଯାତ୍ରା ଜଗତକୁ ଆସିଲି। ସତ ରହିଗଲା ପଥର ଘରେ, ବାଜୁନି ମୁରଲୀ ନାଚୁଛି ରାଧା। ଓଢ଼ଣି ଖୋଲିବୁ ଧୀରେ ଧୀରେ। ତ୍ରାହି ଲକ୍ଷ୍ମଣ, ରାତିର ରାଣୀ ଆଦିରେ ଅଭିନୟ କରିଛି। ପୁଣି 'ମୋ ପେଁକାଳି ବଜେଇ ଦେ'ରେ ଭାଉଜ ସାବି ଚରିତ୍ରରେ ଅଭିନୟ କରିଥିଲି। ଏଯାଏ ପ୍ରାୟ ୮୦ ପାଖାପାଖି ନାଟକରେ ଅଭିନୟ କରିସାରିଲିଣି। ନିଜ ବିବାହକୁ ନେଇ ବାସନ୍ତୀ କୁହନ୍ତି, 'ଆମର ଭଲ ପାଇବା ଦୁହିଁଙ୍କ ଆଡୁ ହୋଇଥିଲା। ଆଉ ସମୟକ୍ରମେ ବିବାହ ହେଲା। ମୋର ଦୁଇ ପୁଅ ଗୋଟିଏ ଝିଅ । ସାନପୁଅ ପାଠ ପଢୁଛି। ଝିଅର ବିବାହ ସରିଗଲାଣି। ବଡ଼ପୁଅ ଚାକିରି କରିଛି। କିନ୍ତୁ ଆମେ ଦୁଇଜଣ ଯାତ୍ରାରେ ରହିଛୁ । ପରିବାର ସହ ସୁସମ୍ପର୍କ ରହିଛି ।

–ବନବିହାରୀ, ଅଭିରାମ

## ମଡେଲ୍ ମିରର୍




**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ: ମୋଣ୍ଟିସ୍ କ୍ଲିକ୍, କଷ୍ଟ୍ୟୁମ୍: ପ୍ରୀତମ୍ ନାୟକ, ମେକ୍‌ଅପ୍: ଆଣ୍ଡି

## ହାଃ ହାଃ

### ଆଇ ଲଭ୍ ୟୁ

ପୁଅ ଝିଅକୁ: ଆଇ ଲଭ୍ ୟୁ। ଏବେ ତମେ ବି କୁହ।

ଝିଅ: ରହ! ମୁଁ ସାର୍‌ଙ୍କୁ ଯାଇ କହୁଛି।

ପୁଅ: ଆରେ ପାଗେଳିଟା ନା କ'ଣ, ସାର୍‌ଙ୍କୁ କହିବା କ'ଣ ଦରକାର ? ସେ ତ ବିବାହିତ।

### ଫ୍ଲାଇଂ କିସ୍

ମୋହନ ରାଜେଶକୁ: ତତେ ଯଦି କୋଉ ସୁନ୍ଦରୀ ଝିଅ ଫ୍ଲାଇଂ କିସ୍ ଦେବ ତତେ କେମିତି ଲାଗିବ ?

ରାଜେଶ: ବହୁତ ରାଗ ଲାଗିବ।

ମୋହନ: କାହିଁକି ?

ରାଜେଶ: ଏତେ ଅଳସୁଆ ଝିଅ ଉପରେ ରାଗିବିନି ତ ଆଉ କ'ଣ କରିବି ? ଦେବାର ଅଛି ଯଦି ସିଧା ଆସି କିସ୍ ଦେଉନି। ଇଏ ଫ୍ଲାଇଂ କିସ୍ କ'ଣ ?

### ରକ୍ତ

ପପୁ ସିପୁକୁ: ସାଙ୍ଗ ମୋତେ ଗୋଟେ ବୋତଲ ରକ୍ତ ନିହାତି ଦରକାର।


ସିପୁ: ହଉ ଠିକ୍ ଅଛି। ହେଲେ କୋଉ ଗ୍ରୁପ୍‌ର ରକ୍ତ ଦରକାର।

ପପୁ: ଯୋଉଟା ହେଲେ ବି ଚଳିବ।

ସିପୁ: ମାନେ ! ରକ୍ତ କୋଉଥିପାଇଁ ଦରକାର କି ତୋ'ର ?

ପପୁ: ଗର୍ଲଫ୍ରେଣ୍ଡକୁ ରକ୍ତରେ ଚିଠି ଲେଖିବା ପାଇଁ।

# ନୀଳକଣ୍ଠ ମହାଦେବ ମନ୍ଦିର



**ଦେବ ଦେବ ମହାଦେବଙ୍କୁ ସମର୍ପିତ ନୀଳକଣ୍ଠ ମହାଦେବ ମନ୍ଦିର ହେଉଛି ଉତ୍ତରାଖଣ୍ଡର ଅନ୍ୟତମ ପବିତ୍ର ତୀର୍ଥଭୂମି। ଏଠାରେ ପ୍ରଭୁଙ୍କୁ ଦର୍ଶନ କରି ତାଙ୍କ କରୁଣା ଲାଭ କରିବା ସହ ଭକ୍ତଗଣ ସ୍ଥାନୀୟ ଅଞ୍ଚଳର ଅପୂର୍ବ ପ୍ରାକୃତିକ ଶୋଭାକୁ ମଧ୍ୟ ମନଭରି ଉପଭୋଗ କରିପାରିବେ।**

ଉତ୍ତରାଖଣ୍ଡର ପୌଡି ଗଢୱାଲ୍ ଜିଲାରେ ଥିବା ନୀଳକଣ୍ଠ ମହାଦେବ ମନ୍ଦିର ହେଉଛି ସ୍ଥାନୀୟ ଏକ ପବିତ୍ର ତୀର୍ଥସ୍ଥଳୀ। ଦେବ ଦେବ ମହାଦେବଙ୍କୁ ସମର୍ପିତ ଏହି ମନ୍ଦିରଟି ଉତ୍ତରାଖଣ୍ଡର ଅନ୍ୟତମ ପବିତ୍ର କ୍ଷେତ୍ର ଋଷିକେଶଠାରୁ ମାତ୍ର ୩୨ କି.ମି. ଦୂରରେ ଅବସ୍ଥିତ। ଏଠାରେ ପୂଜା ପାଉଥିବା ପ୍ରଭୁ ନୀଳକଣ୍ଠ ଯେହେତୁ ଜଣେ ପ୍ରତ୍ୟକ୍ଷ ଈଶ୍ୱର ତେଣୁ ତାଙ୍କରି କରୁଣା ଲଭିବା ପାଇଁ ଏଠାକୁ ବର୍ଷସାରା ଭକ୍ତଙ୍କର ସୁଅ ଛୁଟିଥାଏ।

### କିମ୍ବଦନ୍ତୀ

କିମ୍ବଦନ୍ତୀ ଅନୁଯାୟୀ, ସମୁଦ୍ରମନ୍ଥନରୁ ବାହାରିଥିବା ବିଷକୁ ଦେବ ଦେବ ମହାଦେବ କୁଆଡ଼େ ଏହି ସ୍ଥାନରେ ପାନ କରି ଜଗତକୁ ମହାବିପତ୍ତିରୁ ଉଦ୍ଧାର କରିଥିଲେ। ଆଉ ପ୍ରଭୁ ଉକ୍ତ ବିଷକୁ ପାନ କରୁଥିବା ସମୟରେ ମାତା ସତୀ ପ୍ରଭୁଙ୍କର ବେକ ପାଖରେ ହାତ ରଖିଦେବାରୁ ବିଷତକ ତାଙ୍କ ପେଟକୁ ନ ଯାଇ ବେକ ପାଖରେ ଅଟକି ରହିଥିଲା। ଫଳରେ ବେକ ପାଖ ନୀଳ ଦେଖାଗଲା ; ଯେଉଁଥିପାଇଁ ପରବର୍ତ୍ତୀ ସମୟରେ ପ୍ରଭୁ ଶିବଙ୍କୁ ନୀଳକଣ୍ଠ ବୋଲି ସମ୍ବୋଧନ କରାଯିବା ସହ ଉକ୍ତ ସ୍ଥାନରେ ପ୍ରଭୁଙ୍କର ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ତା'ର ନାମ ନୀଳକଣ୍ଠ ମହାଦେବ ମନ୍ଦିର ରଖାଗଲା ବୋଲି ସୂଚନା ରହିଛି।



### ମନ୍ଦିରର ଗଠନଶୈଳୀ


ଦ୍ରାବିଡ଼ମାନଙ୍କ କାରୁକାର୍ଯ୍ୟ ଶୈଳୀରେ ନିର୍ମିତ ଉକ୍ତ ମନ୍ଦିରର ଆକର୍ଷଣୀୟ ପରିପାଟୀ ଦେଖିବାକୁ ବେଶ୍ ମନୋମୁଗ୍ଧକର। ମନ୍ଦିରର ଶିଖରରେ ସମୁଦ୍ରମନ୍ଥନର ଦୃଶ୍ୟକୁ ଚିତ୍ରିତ କରାଯାଇଥିବାର ଆକର୍ଷଣୀୟ ଦୃଶ୍ୟ ବେଶ୍ ମନଛୁଆଁ ଲାଗିଥାଏ। ସେହିପରି ଗର୍ଭଗୃହର ପ୍ରବେଶ ଦ୍ୱାରରେ ଏକ ବିଶାଳ ପେଣ୍ଟିଂ ଲାଗିଥିବାର ମଧ୍ୟ ଦେଖାଯାଏ, ଯେଉଁଥିରେ ଭଗବାନ ଶଙ୍କର ବିଷପାନ କରୁଥିବାର ଅପୂର୍ବ ଦୃଶ୍ୟ ଦେଖିବାର ସୁଯୋଗ ମିଳିଥାଏ। କେବଳ ସେତିକି ନୁହେଁ, ଗର୍ଭଗୃହ ମଧ୍ୟରେ ପ୍ରଭୁଙ୍କର ଲିଙ୍ଗ ସ୍ୱରୂପ ରୂପକୁ ଦେଖିଲେ ମନରେ ଭକ୍ତିଭାବ ଜାଗ୍ରତ ହୋଇଯାଏ। ଏହି ମନ୍ଦିରର ଖୁବ୍ ନିକଟରେ ଏକ ଝରଣା ବୋହିଯାଉଥିବାର ଦେଖିବାକୁ ମିଳିଥାଏ ; ଯେଉଁଠାରେ ଭକ୍ତଗଣ ସ୍ନାନ ସାରି ପ୍ରଭୁଙ୍କ ଦର୍ଶନ ନିମନ୍ତେ ଯାଇଥାନ୍ତି ବୋଲି ସୂଚନା ରହିଛି।

### ପର୍ବପର୍ବାଣି

ପ୍ରତି ସୋମବାର ଦିନ ବହୁ ସଂଖ୍ୟାରେ ଭକ୍ତ ଏଠାରେ ପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି। ମହାଶିବରାତ୍ରି ପର୍ବ ହେଉଛି ଏଠାକାର ଏକ ମୁଖ୍ୟ ପର୍ବ। ଏହି ସମୟରେ ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଭକ୍ତ ଏଠାକୁ ଆସି ପ୍ରଭୁଙ୍କର ଦର୍ଶନ କରିଥାନ୍ତି। ସେହିପରି ଶ୍ରାବଣ ମାସରେ ବି ଏଠି କାଉଡିଆଙ୍କର ବେଶ୍ ଗହଳି ଦେଖିବାକୁ ମିଳେ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ହେଁ, ମହାଶିବରାତ୍ରି ସମୟରେ ଗଲେ ପ୍ରଭୁଙ୍କର ଅପୂର୍ବ ସାଜ ଶୃଙ୍ଗାର ସାଙ୍ଗକୁ ମେଳା ମହୋତ୍ସବର ଆନନ୍ଦ ଲଭିବାର ସୁଯୋଗ ମିଳିଥାଏ। ତା'ଛଡ଼ା ଏଠାକୁ ଯିବାପାଇଁ ଗମନାଗମନର ବି ବେଶ୍ ସୁବିଧା ରହିଛି। ଋଷିକେଶଠାରୁ ଯେହେତୁ ଏହା ମାତ୍ର ୩୨ କି.ମି. ଦୂରରେ ଅବସ୍ଥିତ, ତେଣୁ ଋଷିକେଶ ବୁଲି ଆସୁଥିବା ପର୍ଯ୍ୟଟକ ସେଠାରୁ ଟ୍ୟାକ୍ସିରେ ଆରାମରେ ଯାଇପାରିବେ। ଋଷିକେଶ ରେଲୱେ ଷ୍ଟେଶନ ହେଉଛି ଉକ୍ତ ମନ୍ଦିରର ନିକଟତମ ରେଳଷ୍ଟେଶନ। ସେହିପରି ଡେରାଡୁନ୍‌ସ୍ଥିତ ଜୋଲିଗ୍ରାଣ୍ଟ ଏୟାରପୋର୍ଟ ହେଉଛି ଉକ୍ତ ମନ୍ଦିରର ନିକଟବର୍ତ୍ତୀ ଏୟାରପୋର୍ଟ।







# ଟେଡି ବିୟରର କଥା





ଭାଲେଣ୍ଟାଇନ୍ ଉଇକ୍‌ର ଚତୁର୍ଥ ଦିନକୁ ଟେଡି ଡେ' ଭାବରେ ପାଳନ କରାଯାଏ। ଏହିଦିନ ମନର ମଣିଷକୁ ହୃଦୟ କଥା ଜଣାଇବା ଲାଗି କ୍ୟୁଟ୍ ଟେଡି ବିୟର୍ ଉପହାରସ୍ୱରୂପ ପ୍ରଦାନ କରାଯାଏ। ତେବେ ଜାଣନ୍ତି କି ଏହି ସଫ୍ଟ ଓ କ୍ୟୁଟ ଟେଡି ବିୟର୍‌କୁ ପ୍ରଥମେ କିଏ, କେମିତି ଓ କେଉଁ ଉଦ୍ଦେଶ୍ୟରେ ତିଆରି କରିଥିଲେ? ଆଉ ତା'କୁ ନେଇ ଦିବସଟି କେବେଠୁ ପାଳିତ ହେଉଛି? ଜାଣନ୍ତୁ ସେ ସମ୍ପର୍କରେ...



**ଟେ**ଡି ଡେ' ସେଲିବ୍ରେଶନ୍ ଆମେରିକାର ୨୬ତମ ରାଷ୍ଟ୍ରପତି ଥିଓଡୋର ରୁଜ୍‌ଭେଲ୍ଟଙ୍କ ସହ ଜଡିତ ଏକ କାହାଣୀ ବହୁତ ପ୍ରସିଦ୍ଧ ଅଟେ। ୧୯୦୨ ନଭେମ୍ବର ୧୪ର କଥା। ରୁଜଭେଲ୍ଟ ମିସିସିପି ଯାଇଥାନ୍ତି ଶିକାର କରିବା ଲାଗି। ସେଠି ତାଙ୍କର ସହଯୋଗୀ ହୋଲ୍ଟ କୋଲିର୍ ରୁଜଭେଲ୍ଟଙ୍କ କାମ ସହଜ କରିବା ଲାଗି ଏକ କଳା ଭାଲୁକୁ ଆଣି ଗଛରେ ବାନ୍ଧିଦେଲେ। ହେଲେ ରୁଜଭେଲ୍ଟ ଯେବେ ଛଟପଟ ହେଉଥିବା ଭାଲୁକୁ ଦେଖିଲେ ମନରେ ତା' ପ୍ରତି ଦୟା ଭାବ ଜାଗ୍ରତ ହେଲା। ଆଉ ତାକୁ ଶିକାର କରିବାକୁ ମନ ହେଲା ନାହିଁ। ତେଣୁ ପ୍ରାଣୀଙ୍କୁ ମାରିବା ଆଇନତଃ ଅପରାଧ କହି ତାକୁ ଶିକାର କଲେନି। ଏଇ ଘଟଣା ତାଙ୍କ ମନରେ ଗଭିର ଛାପ ଛାଡିଦେଲା। ଆଉ ସେହି କଳାଭାଲୁର ଏକ ଚିତ୍ର କାଗଜରେ ଅଙ୍କନ କରିଥିଲେ। ପରେ ୧୯୦୨ ନଭେମ୍ବର ୧୬ରେ କାର୍ଟୁନ ଆର୍ଟିଷ୍ଟ କ୍ଲିଫୋର୍ଡ ବେରିମ୍ୟାନ ଏହି ସମ୍ପୂର୍ଣ୍ଣ ଘଟଣାର ଏକ କାର୍ଟୁନ କରିଥିଲେ, ଯାହାକି ଆମେରିକାର ଏକ ପ୍ରତିଷ୍ଠିତ ଖବରକାଗଜ ୱାଶିଂଟନ ପୋଷ୍ଟରେ ପ୍ରକାଶ ପାଇଥିଲା। ଉକ୍ତ କାର୍ଟୁନ ଉପରେ ମୋରିସ୍ ମିକଟମ୍ ନାମକ ଋଷୀୟ ଇହୁଦି ବ୍ୟକ୍ତିଙ୍କ ନଜର ପଡିଥିଲା। ଯିଏକି ବ୍ରୁକଲିନ୍‌ରେ ଦିନରେ ଟଫି ବିକ୍ରି କରୁଥିବାବେଳେ ରାତିରେ ନିଜ ପତ୍ନୀଙ୍କ ସହ ମିଶି ପିଲାଙ୍କ ପାଇଁ ସଫ୍ଟ ଟୟ ତିଆରି କରୁଥିଲେ। କାର୍ଟୁନ୍‌ର ସେହି ଭାଲୁକୁ ମିକଟମ୍ ପିଲାଙ୍କ ପାଇଁ କପଡାର କଣ୍ଢେଇର ରୂପ ଦେଲେ। ଆଉ ନିଜ ଦୋକାନରେ ତାକୁ 'ଟେଡିସ୍ ବିୟର' ନାମରେ ରଖିଲେ। ମିକଟମ୍ ଏହାକୁ ଟେଡି ନାମ ଦେବା ପଛର କାରଣ ଥିଲା ଯେ, ଥିଓଡର ରୁଜଭେଲ୍ଟଙ୍କ ଡାକ ନାମ ଥିଲା 'ଟେଡି', ତା'ସହ ସେ ଏକ ଭାଲୁର ଜୀବନ ବି ବଞ୍ଚାଇଥିଲେ। ତେଣୁ ଏଇ ନାମଟି ସେହି କଣ୍ଢେଇ ପାଇଁ ଉପଯୁକ୍ତ ବୋଲି ସେ ମନେ କରିଥିଲେ। ତେବେ ସେହି ଟେଡିଟି ହାଲ୍‌କା ହେବା ସହ ବହୁତ ସୁନ୍ଦର ହୋଇଥିବାରୁ ଲୋକଙ୍କୁ ତାକୁ ବହୁତ ପସନ୍ଦ କରିଥିଲେ। ଖୁବ୍ ଶୀଘ୍ର ତାହା ସମସ୍ତଙ୍କ ମନପସନ୍ଦର ଖେଳନା ହୋଇଗଲା। ସେହି ଟେଡିଟି ଦେଖିବାକୁ ସତ ଭାଲୁ ପରି ଥିଲା। ହେଲେ ବହୁତ କ୍ୟୁଟ୍ ହୋଇଥିଲା। ତେଣୁ ଧୀରେ ଧୀରେ ଲୋକେ ଏହାକୁ ମନର ପ୍ରେମ ଭାବନାକୁ ଜଣାଇବା ଲାଗି ଉପହାରସ୍ୱରୂପ ପ୍ରଦାନ କରିବାକୁ ଲାଗିଲେ। ଏମିତି କି ପରେ ଭାଲେଣ୍ଟାଇନ୍ସ ଉଇକ୍‌ରେ ୧୦ ଫେବୃୟାରୀକୁ ଟେଡି ଡେ' ଭାବେ ପାଳନ ବି କରାଗଲା।






# ଆଇସ୍‌କ୍ରିମ୍ ଷ୍ଟିକ୍‌ରେ ରଙ୍ଗୋଲି

**ହି**ନ୍ଦୁଧର୍ମରେ ଘରର ଅଗଣା ଅବା ମୁଖ୍ୟଦ୍ୱାରରେ ରଙ୍ଗୋଲି କରିବାକୁ ଶୁଭ ବୋଲି ଧରାଯାଏ। ବିଭିନ୍ନ ରଙ୍ଗରେ ତିଆରି ଏହି ରଙ୍ଗୋଲିକୁ ଖାସ୍‌କରି ପର୍ବ ପର୍ବାଣୀରେ କରାଯାଏ। ହେଲେ ଆଜିକାଲି ଅନ୍ୟ ସ୍ୱତନ୍ତ୍ର ଅବସରରେ ବି ରଙ୍ଗୋଲି କରାଯାଉଛି। ଏହାକୁ ନେଇ ଅନେକେ ରେକର୍ଡ ବି କରିଛନ୍ତି। ଯେମିତିକି ନିକଟରେ ସିଙ୍ଗାପୁରରେ ଏକ ଭାରତୀୟ ମା' ଝିଅ ଯୋଡି ୨୬୦୦୦ ଆଇସ୍କ୍ରିମ୍ ଷ୍ଟିକ୍‌ରେ ୬ ମିଟର ଦୈର୍ଘ୍ୟ ଓ ୬ ମିଟର ପ୍ରସ୍ଥର ଏକ ବଡ଼ ରଙ୍ଗୋଲି କରି ସିଙ୍ଗାପୁର ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ହାସଲ କରିଛନ୍ତି। ଏହି ରଙ୍ଗୋଲି କରିବାକୁ ଦୁହିଁଙ୍କୁ ଏକ ମାସ ସମୟ ଲାଗିଥିଲା। ରଙ୍ଗୋଲିରେ ପ୍ରସିଦ୍ଧ ତାମିଲ ବିଦ୍ୱାନ କବି ତିରୁୱଲ୍ଲୁୱର, ଅୱୈରା, ଭାରଥିୟାର ଓ ଭାରତିଦାସନଙ୍କ ଛବି କରାଯାଇଥିଲା। ଯାହାକୁ ଲୋକେ ଖୁବ୍ ପସନ୍ଦ କରିଥିଲେ।

# ପ୍ୟାର୍ ତୁନେ କ୍ୟା କିୟା..



## କଥା ଚାଟ୍

– ଓଁ ଅଭିଜ୍ଞାନ ସାହୁ

**କ**ଥାରେ ଅଛି– ଋତୁଙ୍କର ରାଜା ବସନ୍ତ ଆସେ, ମଳୟ ପବନ ସଭିଙ୍କୁ ରସେ । ପୁରାଣଠାରୁ ଏଯାବତ୍ ବସନ୍ତ ମାସକୁ ନେଇ ଲେଖାଯାଇଥିବା ଯାବତୀୟ ପ୍ରେମ କବିତା ଲୋକଙ୍କ ଉପରେ ଯେତିକି ପ୍ରଭାବ ପକେଇନଥିଲା ତାଠୁଁ କାହିଁ ଢେର ଅଧିକ ଏ ଭାଲେଣ୍ଟାଇନ ଡେ କରିଦେଲା । ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ଗୋଟିଏ ହାର୍ଟରେ ଦଶ ପର୍ସେଣ୍ଟ , ଦୁଇଟି ନେଲେ ପନ୍ଦର ପର୍ସେଣ୍ଟ କିମ୍ବା ସ୍ତ୍ରୀ ସହ ଶାଳୀ ଫ୍ରି ଭଳି ଗୋଟିଏ ହାର୍ଟରେ ଗୋଟିଏ ଫ୍ରି'ର ଲୋଭନୀୟ ସ୍କିମ ଏବେ ବଜାରରେ ମାଳ ମାଳ । ଯୁଆଡେ ଦେଖ ସିଆଡେ ଖାଲି ନାଲି ହୃଦୟ ବେଲୁନ ଦୃଶ୍ୟମାନ । ଲାଗିବ ସଂସାରଟା ଯାକ ପ୍ରେମରେ ଉବୁଟୁବୁ । କି ଟୋକା କି ବୁଢା ସମସ୍ତେ ଏ ପ୍ରେମଦିବସ ମାୟାରେ ବାୟା । ଯାହାର ପ୍ରେମିକ କି ପ୍ରେମିକା ଅଛି ତା' ମୁଣ୍ଡ ଖରାପ । ଦଶ ଟଙ୍କାର ଗୋଲାପକୁ ଦେଢ଼ଶହ ଦେଲେବି ମିଳୁନି । ଏଣେ ପ୍ରେମିକାକୁ ଗୋଲାପ ତୋଡା ଦରକାର, ଦାମୀ ଚକୋଲେଟ ସାଙ୍ଗକୁ ଟେଡି ଭାଲୁ ନଦେଲେ ଆଗକୁ ବହୁ ପ୍ରତୀକ୍ଷିତ ଚୁମା ଓ କୁଣ୍ଢାକୁଣ୍ଢି ଦିବସପାଇଁ ବାର ବର୍ଷର ତପସ୍ୟା ଶୁଖୁଆ ପୋଡାରେ ଗଲା ଭଳି ଅବସ୍ଥା ହେବ । ଅନ୍ୟ ପଟରେ ଯାହାର ପ୍ରେମିକ କି ପ୍ରେମିକା ନାହାଁନ୍ତି ସେମାନେ ବି ଚିନ୍ତାରେ । ଏତେ ବଡ଼ ସଂସାରରେ କଣ କେହି ଜଣେ ବି ମିଳିଲେନି ! ସତେ କେତେ ନିରସିଆ, ନିରିମାଖି, ଅଲୋଡ଼ା  ଗୋଠଖେଣ୍ଡିଆ ଜୀବନ ତାଙ୍କର ! ଜୀବନ ସରିବାକୁ ବସିଲାଣି ଅଥଚ ଏ ଯାଏଁ ସୁଗନ୍ଧିତ ଗୋଲାପ ବଗିଚାରେ ବିଚରଣ କରିବାର ସୌଭାଗ୍ୟ ମିଳିଲାନି । ଭଗବାନ ଏତେ ନିର୍ଦ୍ଦୟ କାହିଁକି ହୁଅନ୍ତି ସତରେ ! ପ୍ରେମ କ'ଣ ? ଏହା କାହିଁକି ଘଟେ ? କିପରି ଘଟେ ? ପ୍ରେମର ପରିଭାଷା କ'ଣ ? ପ୍ରେମରେ ପଡ଼ିବା ପରେ କ'ଣ ହୁଏ ? ଲୋକମାନେ କାହିଁକି ଭଲ ପାଆନ୍ତି ? ଏ ସବୁ ପ୍ରଶ୍ନ, ଯକ୍ଷର ପ୍ରଶ୍ନ ଠାରୁ ଆହୁରି ଜଟିଳ । ଏହାର ଭେଦ ଜାଣିବା ପାଇଁ ପାଖରେ ଯୁଧିଷ୍ଠିରଙ୍କ ପରି ଧୈର୍ଯ୍ୟ, ବକ ଭଳି ଏକାଗ୍ରତା ରହିବା ଆବଶ୍ୟକ । ଯେଉଁ ଦାର୍ଶନିକ ବାବାମାନେ ଦିନେ ଦିବ୍ୟ ପ୍ରେମର ଶାଶ୍ୱତ ବାଣୀ ଶୁଣଉଥିଲେ ସେମାନେ ଏବେ ଜେଲରେ । ଆଉ ସେମାନଙ୍କ ଦର୍ଶନରେ ଉଦବୁଦ୍ଧ ହୋଇ ଯେଉଁ ଭକ୍ତ ବିବାହ ବନ୍ଧନର ପାର୍ଥିବ ପ୍ରେମରେ ଆବଦ୍ଧ ସେମାନେ ପ୍ରେମ ନାଁ ଶୁଣିଲେ ହୁରୁଡ଼ା ଗାଈର ପନ୍ଝାରେ ହାତ ବାଜିଲା ଭଳି ନାତ ମାରିହେଉଛନ୍ତି । ସବୁ ପ୍ରେମିକକୁ ପ୍ରଥମେ ପ୍ରେମିକା ଅପସରା ଲାଗନ୍ତି । ପ୍ରେମର ଅଗ୍ରଗତି ସହ ପ୍ରେମିକାର ସ୍ୱରୂପ ବଦଳେ । ପ୍ରେମିକା ଜ୍ଞାନର ଦେବୀ ସରସ୍ୱତୀଙ୍କ ଭଳି ପ୍ରେମିକକୁ ଜ୍ଞାନ ଦିଏ । ଆଜି ଯାଏଁ କେଉଁ ପ୍ରେମିକା, ପ୍ରେମିକଠୁ ଜ୍ଞାନ ପାଇଥିବାର ପ୍ରମାଣ ନାହିଁ । ପ୍ରେମିକ ସବୁବେଳେ ଅଜ୍ଞାନ, ନିର୍ବୋଧ ଓ ଆଜ୍ଞାବହ, ବୋଲକରା ଭଳି ପ୍ରତିତ ହୁଏ । ଏହାପରେ ପ୍ରେମିକା ଲକ୍ଷ୍ମୀଙ୍କ ସ୍ୱରୂପ ଧାରଣ କରନ୍ତି । ପ୍ରେମିକ ସହ ତାର ପୁରା ଖାନଦାନର ଆୟ ବ୍ୟୟର ହିସାବ ରଖନ୍ତି । ଶେଷରେ ପ୍ରେମିକା ଚଣ୍ଡୀ ରୂପରେ ଉଭା ହୁଅନ୍ତି । ବିଚରା ପ୍ରେମିକର ସବୁ କଥାରେ ଭୁଲ ବାହାରକରି ଅଭିମାନ, ଛାଡି ଚାଲିଯିବାର ଧମକ ଭଳି ଆଚରଣ ଦେଖାନ୍ତି ।

କେହି ଜଣେ କହିଥିଲେ, ପ୍ରେମିକା ଦୁଇଘଣ୍ଟା ଜ୍ଞାନ ବାଣ୍ଟିଲା ପରେ ପ୍ରେମିକକୁ କହିବେ, ତୁମେ ଯଦି ମୋ' କଥା ପୁରା ଶୁଣୁଥାନ୍ତ ତେବେ ଆଜି ଏ ଅସୁବିଧା ଭୋଗି ନଥାନ୍ତ । ନିର୍ଦ୍ଧାରିତ ସମୟର ପନ୍ଦର ସେକେଣ୍ଡ ଡେରିରେ ପହଁଚିଥିବା ପ୍ରେମିକ ମାନଭଞ୍ଜନ ପାଇଁ ପଚିଶ ଟଙ୍କିଆ ଚକୋଲେଟ କିଣିଲା ପରେ କିମ୍ବା ଦାମୀ ଉପହାରରେ ପ୍ରେମିକ ପକେଟ ଖାଲି ହେଲା ପରେ ଯେଉଁ ପ୍ରେମିକା କୁହନ୍ତି, ଅଯଥା ଖର୍ଚ୍ଚ ପ୍ରତି ଧ୍ୟାନ ନଦେଲେ ଭବିଷ୍ୟତରେ ଅସୁବିଧାରେ ପଡିବ, ସେତେବେଳେ ଜାଣିବ ଅପସରା ଏବେ ଗୃହଲକ୍ଷ୍ମୀ ହେବାର ଯୋଗ୍ୟତା ହାସଲ କଲେଣି ଆଉ ପ୍ରେମିକ ଗୃହକର୍ତ୍ତା । ସୌଭାଗ୍ୟକୁ ଯଦି ସେଇ ଲାସ୍ୟମୟୀ ଅପସରା ଯେତେବେଳେ ସଂସାରବାହିନୀ ପତ୍ନୀ ରୂପରେ ଉଭା ହୁଅନ୍ତି ସେତେବେଳେ ତାଙ୍କଠାରେ ଏକାଧାରରେ ଅପସରା, ସରସ୍ୱତୀ, ଲକ୍ଷ୍ମୀ ଓ ଚଣ୍ଡୀ ରୂପର ଏକ ବିରଳ ଫ୍ୟୁଜନ ଦେଖିବାକୁ ମିଳେ । ଏହି ଫ୍ୟୁଜନରେ ଆକ୍ରାମାକ୍ରା ବ୍ୟକ୍ତିକୁ ରାସ୍ତାରେ ଟଙ୍ଗା ହୋଇଥିବା ନାଲି ହୃଦୟ ଖଟେଇ ହେଲା ଭଳି ଲାଗନ୍ତି । ସେ ନିଇତି ମନେ ମନେ ମୃତ୍ୟୁ ଠାରୁ ଆହୁରି ଶାଶ୍ୱତ ପ୍ରେମର ପ୍ରବଚନ ଦେଉଥିବା ବାବା, ପ୍ରେମର ପରିଭାଷା ବୁଝାଉଥିବା ରୀତିକବିଙ୍କ ଚଉଦ ପୁରୁଷ ଉଖାଲୁ ଥାଏ ।

ଲକ୍ଷେ ଶିବ ପୂଜି ମା ଯେଉଁ ପୁଅ ଜନ୍ମ କରିଥିଲା ସେ ପୁଅ ଏବେ ଫେସ୍ ବୁକର ଲକ୍ଷେ ଟୋକାଙ୍କ ହୃଦୟର କୁଇନ ଆଞ୍ଜେଲ ପ୍ରିୟା । ଗୋଟେ ହର୍ଷଦ ମେହେଟାକୁ ଦେଶର ସମୁଦାୟ ବ୍ୟାଙ୍କ ନିୟଣ୍ଟ ହେଲା ଭଳି ଆଜି ଗୋଟିଏ ଆଞ୍ଜେଲ ପ୍ରିୟାକୁ ଫେସବୁକର ସବୁ ପ୍ରେମିକ ନିଅଣ୍ଟ । ଦେଶର ଯୁବଶକ୍ତି ପୁରା ଦମ୍ ରେ ଆଞ୍ଜେଲ ପ୍ରିୟା ସହ ଭାଲେଣ୍ଟାଇନ ଖେଳରେ ବ୍ୟସ୍ତ । କେବଳ ଯୁବଶକ୍ତି ନୁହଁନ୍ତି ଅନେକ ପୌଢ଼ ବି ଏବେ ଆଞ୍ଜେଲ ପ୍ରିୟା ପାଇଁ ପାଗଳ । ଗୋଟେ ଅନୁସନ୍ଧାନରୁ ଜଣା ପଡ଼ିଛି ଫେସ୍ ବୁକରେ ସକ୍ରିୟ ଥିବା ସମୁଦାୟ ଫେକ୍ ଆଇଡିର ଅଶି ଭାଗ କେବଳ ଭାରତୀୟଙ୍କର । ଏକ ପ୍ରେସ ବିଜ୍ଞପ୍ତିରେ ଫେଶ ବୁକ ଭାରତର ବିକଳାଙ୍ଗ ଭବିଷ୍ୟତ ମାନଙ୍କୁ ସ୍ପଷ୍ଟ କରିଛନ୍ତି ଯେ, ଝିଅଙ୍କ ନାଁ ରେ ପ୍ରେମ ଖେଳ ଖେଳୁଥିବା ଆଞ୍ଜେଲ ପ୍ରିୟା କି ଡାଜଲିଂ ରୋଜିଙ୍କ ଭିତରୁ ଅଶି ଭାଗ ହେଲେ ପୁଅ ଓ ବାକି କୋଡିଏ ଭାଗ ସେମାନଙ୍କ ପତ୍ନୀ କିମ୍ବା ପ୍ରେମିକା । ଯେଉଁମାନେ ସେମାନଙ୍କ ପତି କିମ୍ବା ପ୍ରେମିକଙ୍କ ଚାରିତ୍ରିକ ଦୋଷ ଉପରେ ନଜର ପାଇଁ ଫେକ୍ ଆଇଡି ଖୋଲିଛନ୍ତି । ସେମାନଙ୍କ ସହ ଭାଲେଣ୍ଟାଇନ ସପ୍ତାହ ପାଳୁଥିବା ଦେଶର 'ଶକ୍ତି' ମାନଙ୍କ ଆର୍ଥିକ କି ମାନସିକ କ୍ଷତି ପାଇଁ ଫେସବୁକ ଦାୟୀ ରହିବନି ।

ଏବେ ଅଧିକାଂଶ କମ୍ପାନୀ ସେମାନଙ୍କ ସାମଗ୍ରୀ ବିକିବା ପାଇଁ ସୁନ୍ଦରୀ ଲଳିତକଣ୍ଠୀମାନଙ୍କୁ ନିଯୁକ୍ତି ଦେଉଛନ୍ତି । ସେମାନେ ଆପଣଙ୍କୁ ଫୋନ କରି ପ୍ରଥମେ ପ୍ରେମ ନିବେଦନ କରିବେ । ଆପଣ ତାଙ୍କ କଥାରେ ରସିଲେ ମାନେ ଜାଣନ୍ତୁ ଫସିଲେ । ସେମାନେ ଆପଣଂକୁ ତାଙ୍କ କମ୍ପାନୀ ସାମଗ୍ରୀ କିଣିବାକୁ ବାଧ କରିବେ ନଚେତ ତାଙ୍କ ସହ ଆପଣ କରିଥିବା ଯାବତୀୟ ବିକଳିଆ ପ୍ରେମିଳ କଥାବର୍ତ୍ତାକୁ ପ୍ରଘଟ କରିଦେବାର ଭୟ ଦେଖେଇବେ । ମଣିଷର ଏହି କୁରୁଳା ପ୍ରେମ ପବୃତ୍ତିକୁ ବିଜ୍ଞାପନ କମ୍ପାନୀମାନେ ଠିକ ଭାବେ ଆକଳନ କରିଛନ୍ତି । ପ୍ରତିଦିନ ବିଭିନ୍ନ କମ୍ପାନୀମାନଙ୍କରୁ ସୁନ୍ଦରୀ କନ୍ୟାମାନଙ୍କ ଫୋଟ ସମ୍ବଳିତ ବିଜ୍ଞାପନ ମେସେଜ ଆସିବ । ସେ ସବୁ ବିଜ୍ଞାପନ ଏତେ ଲୋଭନୀୟ ହୋଇଥିବ ଯେ ଆପଣଙ୍କ ଇଚ୍ଛା ହେବ ଅଧିକ ଜାଣିବା ପାଇଁ । ବିଜ୍ଞାପନ ସହ ଏକ ଲିଙ୍କ ମଧ୍ୟ ଥିବ । ଏପଟେ ଆପଣ ଲିଙ୍କ ଖୋଲିବେ ତ ସେପଟେ ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟ ସଫା । ଶେଉଳ ମାଛକୁ ଆଶା ପୁଅ ମୁଣ୍ଡକୁ ଆଶା ଭଳି ଅବସ୍ଥା । ମଣିଷ ଯେତେ ସତର୍କ ହେଲେ ମଧ୍ୟ ଏ ପ୍ରକାରର ଲୋଭନୀୟ ବିଜ୍ଞାପନର ଆକର୍ଷଣରୁ ବର୍ତ୍ତିବା ମୁସ୍କିଲ । ମେସେଜକୁ ତ ଆପଣ ଡିଲିଟ କରିଦେବେ ହେଲେ ଫୋନ କରି ସାମଗ୍ରୀ ବିକୁଥିବା ଲୋକଙ୍କୁ କେମିତି ଡିଲିଟ କରିବେ । ଥରେ ଏକ ଜରୁରୀ କାମରେ ବ୍ୟସ୍ତ ଥିଲା ବେଳେ ଫୋନ ଆସିଲା । ସେପଟୁ ଜଣେ ଝିଅ କୋମଳ କଣ୍ଠରେ ପଚାରିଲା କଣ କରୁଛନ୍ତି ମ ? ଫ୍ରି ଅଛନ୍ତି କି ? ପାଞ୍ଚ ମିନିଟ ସମୟ ଦେଇହେବ । ତାଙ୍କ ସ୍ୱରରେ ଏତେ ମାଧୁର୍ଯ୍ୟ ଓ ସ୍ନେହଭାବ ଥିଲା ଯେ, ଇଚ୍ଛା ହେଉଥିଲା କହିବାକୁ ପାଞ୍ଚ ମିନିଟ ନାହିଁ ପାଞ୍ଚ ବର୍ଷ ଆପଣ ଏମିତି କହୁଥାନ୍ତୁ ମୁଁ ଶୁଣୁଥିବି ।' ତଥାପି ସଂଯମ ରଖି ପଚାରିଲି , କଣ କିଛି କାମ ଥିଲା ? ସେପଟୁ ଧୀର ଗଳାରେ ଉତ୍ତର ଆସିଲା 'ଗୋଟେ କରନ୍ତୁ ।' ଏବେ ମୋର ଲାଜେଇ ଯିବା ସ୍ୱାଭାବିକ । ଶରୀରରେ ଏକ ଅଜବ ଶିହରଣ । ମୁଁ ବି ଧୀର ସ୍ୱରରେ ପଚାରିଲି କଣ ? ଝିଅଟି ସେପଟୁ ଉତ୍ତର ଦେଲା – 'ଲାଇଫ ଇନ୍ସୁରାନ୍ସ । ବଢିଆ ସ୍କିମ ଅଛି ।' ଯେଉଁ ରେଟରେ ଶରୀର ଭିତରେ ଜୁଆର ଉଠିଥିଲା ସେହି ରେଟରେ ଭଟ୍ଟା ପଡିଗଲା । କହିଲି, ମୁଁ ଗରିବ ଲୋକ ଦରମା ଟଙ୍କାରେ ଘର ଚଳିବା ମୁସ୍କିଲ ଆପଣଙ୍କ ବୀମା କିସ୍ତି କେମିତି ଦେବି ? ଏହା ସହ ସାମ୍ନାରେ ଥିବା ଖବରକାଗଜରେ କୌଣସି ଏକ ତେଲ କମ୍ପାନୀର ବିତରକ ପାଇଁ ଦିଆଯାଇଥବା ଯୋଗାଯୋଗ ମୋବାଇଲ ନମ୍ବର ଦେଇ କହିଲି ଆପଣ ଏଇ ନମ୍ବରରେ ଆମ ମାଲିକଙ୍କ ସହ କଥା ହୁଅନ୍ତୁ ସେ ଚାହିଁଲେ ଇନ୍ସୁରାନ୍ସ କରିବେ । ଦୁଇଦିନ ପରେ ସେ ଝିଅର ପୁଣିଥରେ ଫୋନ ଆସିଲା । ଏଥର ତା ସ୍ୱରରେ ଥିଲା ଏକ ଅଦ୍ଭୁତ ବିକଳଭାବ । ଝିଅଟି କହିଲା, ମୁଁ ଆପଣଙ୍କ ମାଲିକଙ୍କ ସହ କଥା ହେଲି । ସେ କହିଲେ 'ଆମ କମ୍ପାନୀର ତେଲ ଦିନକୁ ଦୁଇଥର ମାଲିସ କଲେ ଜଣେ ଶହେ ବର୍ଷ ବଞ୍ଚିବାର ଗ୍ୟାରେଣ୍ଟି ଆମେ ଦେଉଛୁ । ଶହେ ବର୍ଷ ଆଗରୁ ମୃତ୍ୟୁ ହେଲେ ତେଲ ଫେରସ୍ତ କରି ଟଙ୍କା ନେଇଯିବେ । ଆମ ତେଲ ମାଲିସ କଲେ ଇନ୍ସୁରାନ୍ସ କରିବା ଦରକାର ନାହିଁ । ଦୁଇ ଦିନ ହେଲା ଆପଣଙ୍କ ମାଲିକ ମୋତେ ବାର ବାର ଫୋନ କରି ପଚାରୁଛନ୍ତି ମାସକୁ କେତେ ତେଲ ନେଇ ପାରିବି ଓ କେତେଟଙ୍କା ନିବେଶ କରିବି ।' ମୁଁ ତାଙ୍କୁ ଆଶ୍ୱାସନା ଦେଇ କହିଲିଣ୍, ଆପଣଙ୍କୁ ଆଉ ଗୋଟେ ନମ୍ବର ଦେଉଛି ଏହି ନମ୍ବର ଆମ ମାଲିକଙ୍କୁ ଦେଇ କୁହନ୍ତୁ ଏ ବ୍ୟକ୍ତିଙ୍କୁ ମାଲିସ ପାଇଁ ମାସିକ ପ୍ରଚୁର ମାତ୍ରାରେ ତେଲ ଆବଶ୍ୟକ । ତାଙ୍କ ସହ ସିଧା ଯୋଗାଯୋଗ କରିବାକୁ । ଏହା କହି କେଉଁଏକ କାମ ପାଇଁ ପୂର୍ବରୁ ସେଭ କରିଥିବା ଜଣେ ପୋଲିସ ଥାନା ଅଧିକାରୀଙ୍କ ଫୋନ ନମ୍ବର ତାଙ୍କୁ ଦେଇଦେଲି । ସପ୍ତାହେ ବିତିଗଲାଣି ଆଉ ସେ ଝିଅର ଫୋନ ଆସିନି । ତା' ଅର୍ଥ, ଉଦୟ ହୋଇ ଆସୁଥିବା ଆମ ପ୍ରେମର ସୂର୍ଯ୍ୟ ଆଉ କେବେ ଉଇଁଲାନି ।



–ବନମାଳୀ ଭବନ, ଖାନ୍ ନଗର, କଟକ
ମୋ:୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ମନେ ଅଛି

**ଉମାକାନ୍ତ ନନ୍ଦ, ପ୍ରକାଶକ–ଅନୁସୂୟା ନନ୍ଦ, ଗଣ୍ଡରପୁର, କଟକ–୩, ମୂଲ୍ୟ–୧୫୦ଟଙ୍କା**

'ମନେ ଅଛି ' ଉମାକାନ୍ତ ନନ୍ଦଙ୍କ ଆତ୍ମଜୀବନୀ । ଜନ୍ମଭୂମି ଅଞ୍ଚଳର ଅନେକ ଘଟଣାବଳୀ ଏଥିରେ ନିଖୁଣ ଭାବେ ବର୍ଣ୍ଣନା କରାଯାଇଛି । ଏଥିରେ ବାଲ୍ୟ, ଯୌବନ ଓ ପ୍ରୌଢ ଜୀବନ ସମ୍ପର୍କରେ ଲେଖକ ବିସ୍ତୃତ ଭାବେ ବର୍ଣ୍ଣନା କରିଛନ୍ତି । ସେ ମନର କଥା ଓ ପ୍ରାଣର ବ୍ୟଥାକୁ ଏଥିରେ ପରିପ୍ରକାଶ କରିଛନ୍ତି । ସେଥିରେ ଉଲ୍ଲେଖ କରିଛନ୍ତି, ତାଙ୍କୁ ବରିଷ୍ଠ ଓ ବିଶିଷ୍ଟ ଓକିଲବନ୍ଧୁ କଟକ ବାର ଆସୋସିଏଶନ ସଭାପତି କରିବାକୁ ଯେଉଁ ଉଦ୍ୟମ କରିଥିଲେ ତାହା ଫଳବତୀ ହେଲା । ସେ ମଧ୍ୟ ସଭାପତି ନିର୍ବାଚିତ ହେଲେ । ଏହି ଭଳି ଅନେକ ଦିଗକୁ ଲେଖକ ତାଙ୍କ ମନେଅଛି ପୁସ୍ତକରେ ଛୁଇଁଛନ୍ତି ।




### ସତ୍ୟପଥେ ଧର୍ମ ପଥେ

**ଡକ୍ଟର ସାତକଡି ହୋତା**
**ପ୍ରକାଶକ–ମହାବୀର ପ୍ରକାଶନ**
**ପୁରୁଣା ବସ୍ ଷ୍ଟାଣ୍ଡ ସାମନା, ଭୁବନେଶ୍ୱର**
**ମୂଲ୍ୟ–୧୦୦ଟଙ୍କା**

'ସତ୍ୟପଥେ ଧର୍ମ ପଥେ' ଡକ୍ଟର ସାତକଡି ହୋତାଙ୍କ କବିତା ପୁସ୍ତକ । ଏଥିରେ ୬୦ଟି କବିତା ପ୍ରକାଶ ପାଇଛି । କବିତାଗୁଡିକ ଶିକ୍ଷଣୀୟ ଓ ସ୍ମରଣୀୟ । ଏଥିରେ ଅଛି ନୈତିକତାର କଥା, ସତ୍ୟପଥେ ଓ ଧର୍ମପଥେ ଚାଲିବାର ମୂଲ୍ୟବାନ ବାର୍ତ୍ତା । ଜୀବନ ଚିନ୍ତା ସମ୍ପର୍କରେ କବିତାଗୁଡିକରେ ସ୍ପଷ୍ଟ ହୋଇଛି । ଅତୀତକୁ ବିସ୍ମୃତ କରି ବର୍ତ୍ତମାନରେ ବଞ୍ଚିବା ଆବଶ୍ୟକ ବୋଲି କବିତାରେ କୁହାଯାଇଛି । କବିତାଗୁଡିକ ଏକାଧାରରେ ଶିକ୍ଷଣୀୟ ଓ ସ୍ମରଣୀୟ । ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ଏଥିରେ ସନ୍ଦେହ ନାହିଁ ।




ଉପନ୍ୟାସ

### ଦର୍‌ମିୟାନା

**ସୁଭାଷ ଅଖିଲ, ଅନୁସୃଜନ ମିନତି ପଟନାୟକ**
**ପ୍ରକାଶକ– କାବ୍ୟଲୋକ, ଗ୍ୟାରେଜ ଛକ, ଭୁବନେଶ୍ୱର–୨,**
**ମୂଲ୍ୟ–୧୫୦ଟଙ୍କା**

'ଦରମିୟାନା' ସୁଭାଷ ଅଖିଲଙ୍କ ହିନ୍ଦୀ ଉପନ୍ୟାସ । ଏହାକୁ ଅନୁସୃଜନ କରିଛନ୍ତି ମିନତି ପଟନାୟକ । ଏହା କିନ୍ନରଙ୍କ ଉପରେ ଲିଖିତ । ଔପନ୍ୟାସିକ ତାଙ୍କ ଅଭ୍ୟନ୍ତରକୁ ପ୍ରବେଶ କରି ସେମାନଙ୍କର ମନସ୍ତତ୍ତ୍ୱ ଅଧ୍ୟୟନ କରି ପ୍ରକାଶ କରିଛନ୍ତି ଯେ, ସେମାନଙ୍କ ଭିତରେ ନାରୀ ସଦୃଶ ସମବେଦନା, ସ୍ନେହ, ଶ୍ରଦ୍ଧା ଓ ଆବେଗ ସହ ପୁରୁଷ ସଦୃଶ ସାମାଜିକ ଦାୟତ୍ୱବୋଧ ମଧ୍ୟ ରହିଛି । ବିଶେଷ ଭାବରେ ସମାଜର ମଙ୍ଗଳ କାମନାରେ ସେମାନେ ଉତ୍ସର୍ଗୀକୃତ । ଆହୁରି ଅନେକ କଥା ଏଥିରେ ବର୍ଣ୍ଣିତ ହୋଇଛି । ତେଣୁ ପୁସ୍ତକଟି ପାଠକଲେ ଅନେକ ନୂଆ କଥା ଜଣିବାକୁ ମିଳିବ ।



# କେକ୍ ୱେଡ଼ିଂ ଡ୍ରେସ୍

**କେ**କ୍ ବିଭିନ୍ନ ଡିଜାଇନ୍‌ର ଥାଏ। ତେବେ ସ୍ୱିଜରଲାଣ୍ଡର କେକ୍ ନିର୍ମାତା ନତାଶା କଲିନ୍ କିମ୍ ଫାହ ଲି ଫୋକାସ୍ ନିକଟରେ ତିଆରି କରିଛନ୍ତି ଏମିତି ଏକ କେକ୍ ଯାହା ପାଇଁ ସେ ବେଶ୍ ଚର୍ଚ୍ଚାରେ ଅଛନ୍ତି। ତାଙ୍କର ଏହି କେକ୍‌ଟିକୁ ସେ ଏକ ୱେଡ଼ିଂ ଗାଉନ୍ ଡିଜାଇନ୍‌ରେ ତିଆରି କରିଛନ୍ତି। ଆଉ ସବୁଠୁ ବଡ଼ କଥା ହେଉଛି ଉକ୍ତ ଡ୍ରେସ୍‌ଟି ପିନ୍ଧିବାଯୋଗ୍ୟ। କେକ୍‌ର ଓଜନ ୧୩୧.୧୫ କେଜି। ଚଳିତ ବର୍ଷ ଜାନୁୟାରୀ ମାସ ୧୫ ତାରିଖରେ ସ୍ୱିଜରଲାଣ୍ଡ, ବର୍ନରେ ଆୟୋଜିତ ସ୍ୱିସ୍ ୱାର୍ଲଡ ୱେଡ଼ିଂ ଫେୟାରରେ ଉକ୍ତ କେକ୍‌କୁ ପ୍ରଦର୍ଶିତ କରାଯାଇଥିଲା। ଉକ୍ତ କେକ୍ ଡ୍ରେସ୍‌ର ତଳଭାଗକୁ ଆଲୁମିନିୟମ ଫ୍ରେମ୍ ଓ ଦୁଇଟି ଧାତୁର ବୋଲ୍ଟ ସାହାଯ୍ୟରେ ତିଆରି କରାଯାଇଛି। ଯାହା ଉପରେ କେକ୍‌ର ଆସ୍ତରଣ ସମାନ ଭାଗରେ ରହିଛି। ପୋଷାକର ଉପରଭାଗ ଚିନି ପେଷ୍ଟ ଓ କଳାକନ୍ଦର ମିଶ୍ରଣରେ ପ୍ରସ୍ତୁତ ହୋଇଛି। ମଡେଲ ଏହି ଡ୍ରେସ୍‌କୁ ପିନ୍ଧି ଗଲାବେଳେ ଯେମିତି ଅସୁବିଧା ନ ହେବ ସେଥିପାଇଁ ଡ୍ରେସ୍‌ର ତଳଭାଗରେ ଚକ ଲଗାଯାଇଛି। ଏହି ଲେୟର୍ଡ ୱେଡ଼ିଂ ଗାଉନ୍‌କୁ ଟ୍ରାଡିସନାଲ ୱେଡ଼ିଂ ଗାଉନ୍ ଡିଜାଇନ୍‌ରେ ଡେକୋରେଟ୍ କରାଯାଇଛି। 'ସ୍ୱିଟିକେକ୍' ନାମକ ବେକେରି ଚଳାଉଥିବା ନତାଶାଙ୍କର ଏହି କେକ୍ ଡ୍ରେସ୍ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସବୁଠାରୁ ବଡ ପିନ୍ଧିବାଯୋଗ୍ୟ କେକ୍ ଡ୍ରେସ୍‌ଭାବେ ସ୍ଥାନ ପାଇଛି।



ବ୍ୟାକ୍ ପେଜ୍





# ୬୫୫ କୋଟିର ମାଲିକ ଏଇ କୁକୁର

**ମ**ହଲ ପରି ଏକ ବଡ଼ ବଙ୍ଗଳା, ଚାକର ଚାକରାଣୀ, ଅୟସ ଭରା ଜୀବନର ସ୍ୱପ୍ନ ତ ସମସ୍ତେ ଦେଖନ୍ତି। ହେଲେ ଏ ସ୍ୱପ୍ନ କେବଳ ସ୍ୱପ୍ନ ହୋଇ ରହିଯାଏ ଅନେକଙ୍କ ପାଇଁ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏଭଳି ଅୟସଭରା ଜୀବନ ଏକ କୁକୁର ବିତାଉଛି। ସେ ଏତେ ଧନୀ ଯେ, ତା' ଅୟସଭରା ଜୀବନକୁ ନେଇ ଏବେ ଫିଲ୍ମ ବି କରାଯାଇଛି। ଏହି କୁକୁରଟିର ନାମ ହେଉଛି ଗୁନ୍ଥର ୬। ଏହାର ସମ୍ପତ୍ତି କେତେ ଜାଣନ୍ତି? ଏହି ଜର୍ମାନ ଶେଫର୍ଡ ପ୍ରଜାତିର କୁକୁରଟି ହେଉଛି ୬୫୫ କୋଟି ଟଙ୍କାର ମାଲିକ। ଇଟାଲିରେ ରହୁଥିବା ଏହି କୁକୁରର ଅୟସ ଜୀବନକୁ ଦେଖିଲେ ସତରେ ଯେକୌଣସି ମଣିଷ ଈର୍ଷା କରିବେ। ଗୁନ୍ଥର ୬ ଏବେ ମଡୋନାଙ୍କ ପୂର୍ବ ଘରେ ବେଶ୍ ଆରାମଦାୟକ ଜୀବନ ବିତାଉଛି। ଆଉ ତା' ଜୀବନ କାହାଣୀ ଉପରେ ଏକ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ବି କରାଯାଉଛି ଯାହାର ନାଁ, 'ଗୁନ୍ଥର ମିଲିୟନ୍ସ' ରଖାଯାଇଛି। ଚଳଚ୍ଚିତ୍ରଟି ନେଟଫ୍ଲିକ୍ସରେ ଖୁବ୍ ଶୀଘ୍ର ରିଲିଜ ହେବାକୁ ଯାଉଛି। ଚଳଚ୍ଚିତ୍ରରେ ଗୁନ୍ଥର ଧନୀ ହେବାର ରହସ୍ୟ ଓ ତା'ର ଅୟସଭରା ଗ୍ଲାମର୍ସ ଲାଇଫ୍ ଉପରେ ଚିତ୍ରଣ କରାଯାଇଛି। ଫିଲ୍ମର ନିର୍ଦ୍ଦେଶକ ଅରେଲିୟନ ଲେଟର୍ଗି କୁହନ୍ତି, 'ଆମେ ଏହି କୁକୁର ସମ୍ପର୍କରେ ଯେବେ ଜାଣିଲୁ ତା'ର ଜୀବନଶୈଳୀ କିଭଳି ହୋଇଥିବ ସେ ସମ୍ପର୍କରେ ସବିଶେଷ ଜାଣିବାକୁ ଇଚ୍ଛା ହୋଇଥିଲା। ତେଣୁ ତା' ସମ୍ପର୍କରେ ସବୁ ତଥ୍ୟ ସଂଗ୍ରହ କଲୁ। ଆମ ଚଳଚ୍ଚିତ୍ରରେ ତା'ର କାହାଣୀକୁ ବେଶ୍ ସୁନ୍ଦରଭାବେ ଉପସ୍ଥାପନ କରାଯାଇଛି। ଗୁନ୍ଥରକୁ ଜର୍ମାନୀର କାଉଣ୍ଟେସ୍ କାରଲୋଟା ଲିଏନ୍ସଷ୍ଟେନ୍‌ଙ୍କ ପୁଅର ନାଁ ଗୁନ୍ଥରଙ୍କ ନାମାନୁସାରେ ନାମିତ କରାଯାଇଥିଲା। ଯେକି କୌଣସି କାରଣରୁ ଆତ୍ମହତ୍ୟା କରିଥିଲେ। ଲିଏନ୍ସଷ୍ଟେନ୍‌ଙ୍କର ନିଜର ବୋଲି ଆଉ କେହି ନ ଥିଲେ। ସେଥିପାଇଁ ସେ ୧୯୯୨ରେ ନିଜ ମୃତ୍ୟୁ ପୂର୍ବରୁ ଏକ ଟ୍ରଷ୍ଟ ଗଠନ କରିଥିଲେ। ଆଉ ନିଜର ପ୍ରିୟ କୁକୁର ନାଁରେ ୬୫୫ କୋଟି ଟଙ୍କାର ସମ୍ପତ୍ତି କରାଇଦେଲେ। ତା'ଛଡା ଗୁନ୍ଥର ଏକ ଫାର୍ମାସ୍ୟୁଟିକାଲ କମ୍ପାନୀର ମାଲିକ ମଧ୍ୟ।'



# ପ୍ରେମ ପାଇଁ ନଦୀ ପାର୍ ହେଲେ ପ୍ରେମିକା

**ପ୍ରେ**ମ ପାଇଁ ଯେ ମଣିଷ ସବୁକିଛି କରିପାରେ ତାହାର ଜୀବନ୍ତ ଉଦାହରଣ ହେଉଛନ୍ତି ୨୨ ବର୍ଷୀୟା ବାଂଲାଦେଶୀ ଯୁବତୀ କ୍ରିଷ୍ଣା ମଣ୍ଡଳ। ଫେସ୍‌ବୁକ୍‌ରେ ଭାରତୀୟ ଯୁବକ ଅଭିକ୍ ମଣ୍ଡଳଙ୍କ ସହ ଫ୍ରେଣ୍ଡଶିପ୍। ଆଉ ତା'ପରେ ହେଲା ପ୍ରେମ। ସେ ପ୍ରେମ ପୁଣି ଏତେ ଗଭୀର ଯେ, ପ୍ରେମିକକୁ ଦେଖା କରିବା ଲାଗି ପ୍ରେମିକା ପହଁରି ପହଁରି ପାର୍ ହେଲେ ନଦୀ। କ୍ରିଷ୍ଣାଙ୍କର ପାସ୍‌ପୋର୍ଟ ନ ଥିଲା ଭାରତର ସୀମା ପାର୍ ହୋଇ ପ୍ରେମିକଙ୍କୁ ଦେଖା କରିବା ପାଇଁ। ହେଲେ ମନରେ ଥିଲା ପ୍ରେମିକଙ୍କୁ ଦେଖା କରିବାର ପ୍ରବଳ ଇଚ୍ଛା। ତେଣୁ ସେ ନିଷ୍ପତ୍ତି ନେଲେ ଯାହା ବି ହେଉ ସୀମା ପାର୍ ହୋଇ ପ୍ରେମିକଙ୍କୁ ଦେଖା କରିବେ। ସେଥିପାଇଁ ସେ ପ୍ରଥମେ ସୁନ୍ଦରବନକୁ ପାର୍ କରିଥିଲେ। ଯେଉଁ ବଣ



କି ରୟାଲ ବେଙ୍ଗଲ ଟାଇଗର୍ ପାଇଁ ପ୍ରସିଦ୍ଧ। ଜୀବନ ପ୍ରତି ବିପଦ ଥାଇ ମଧ୍ୟ ସେ ଜଙ୍ଗଲ ପାର୍ ହେଲେ। ତା'ପରେ ପ୍ରାୟ ଏକ ଘଣ୍ଟା ମାତ୍‌ଲା ନଦୀରେ ପହଁରି ପହଁରି ଭାରତ ସୀମାକୁ ପହଞ୍ଚିଥିଲେ। ଅଭିକ୍ କାର୍‌ରେ ଅପେକ୍ଷା କରିଥିଲେ ପଶ୍ଚିମବଙ୍ଗ, ଚବିଶି ପ୍ରାଗଣା ଜିଲା, କଇଖାଲି ଗ୍ରାମରେ। ଦୁହେଁ ମିଶି କଲିକତାର କାଳିଘାଟ ମନ୍ଦିର ଯାଇ ବିବାହ କଲେ। କିନ୍ତୁ ଏହାପରେ ପୋଲିସ୍ କ୍ରିଷ୍ଣାଙ୍କୁ ବେଆଇନ୍‌ଭାବେ ସୀମା ପାର୍ ହୋଇଥିବାରୁ ଆରେଷ୍ଟ କଲେ। ଖବର ମୁତାବକ ତାଙ୍କୁ ପୋଲିସ୍ ବାଂଲାଦେଶ ହାଇକମିସନ୍‌କୁ ହସ୍ତାନ୍ତର କରିବେ।